ଧରିତ୍ରୀ
DHARITRI


November 14-20, 2021 ₹ 2/-

# ଛୁଟିଦିନ



# ଶିଶୁଙ୍କ ଦରଦୀ ବନ୍ଧୁ

ଶିଶୁ ଦେଶର ଭବିଷ୍ୟତ କିନ୍ତୁ ପରିସ୍ଥିତି ପରିବେଶ ସବୁ ଶିଶୁଙ୍କ ପାଇଁ ଅନୁକୂଳ ନ ଥାଏ, ଯେଉଁଥିପାଇଁ ଲାଗେ ତାଙ୍କ ଭବିଷ୍ୟତ ଅନ୍ଧାରା ହେଲେ ଏମିତି ଅନେକ ଅଛନ୍ତି ଯେଉଁମାନେ ପ୍ରତିକୂଳ ପରିସ୍ଥିତିରେ ଥିବା ଶିଶୁଙ୍କ ଭବିଷ୍ୟତ ସଜାଡ଼ିବା ଦାୟିତ୍ୱ ନେଇଛନ୍ତି....



୩
ପ୍ରଚ୍ଛଦ ପ୍ରସଙ୍ଗ

୮/୯
ସିନେମା



## ଘଣ୍ଟା କେଉଁ ଦିଗରେ ଲଗାଇବେ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଥିବା ପ୍ରତ୍ୟେକଟି ବସ୍ତୁର ପ୍ରଭାବ ଆମ ଜୀବନ ଉପରେ ପଡିଥାଏ। ସେମିତି ଏକ ବସ୍ତୁ ହେଉଛି ଘଡ଼ି ବା ଘଣ୍ଟା। ସମୟ ଜାଣିବା ପାଇଁ ଆମେ ସାଧାରଣତଃ ଘରେ ଘଣ୍ଟା ଲଗାଇଥାଉ। କିନ୍ତୁ ଏହି ଘଣ୍ଟା ଲଗାଇବା ପାଇଁ ସଠିକ୍ ଦିଗର ଚୟନ କରିବା ବି ଜରୁରୀ ହୋଇଥାଏ; ନଚେତ୍ ଏହାର କୁପ୍ରଭାବ ଆମ ଘର ଓ ଜୀବନ ଉପରେ ପଡିଥାଏ। ଯେମିତିକି:



*ଘଣ୍ଟାକୁ ସର୍ବଦା ଘରର ପୂର୍ବ, ପଶ୍ଚିମ ଅଥବା ଉତ୍ତର ଦିଗର କାନ୍ଥରେ ଲଗାଇବା ଦରକାର। ଯେହେତୁ ଦକ୍ଷିଣ ଦିଗ ହେଉଛି ଯମରାଜଙ୍କର ଦିଗ ତେଣୁ ସେହି ଦିଗରେ ଘଣ୍ଟା ନ ଲଗାଇବା ଉଚିତ୍। କାରଣ ଏହାଦ୍ୱାରା ଘରର ସଦସ୍ୟଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ଆୟୁ ଓ ସ୍ୱାସ୍ଥ୍ୟହାନୀର ଏହା କାରଣ ବି ସାଜିପାରେ।

*କେବେ ବି ଘରର ମୁଖ୍ୟଦ୍ୱାର ବା ମୁଖ୍ୟଦ୍ୱାରର କବାଟ ଉପରେ ଘଣ୍ଟା ଲଗାନ୍ତୁ ନାହିଁ। ଏମିତି କଲେ ଘରେ ସର୍ବଦା ଝଗଡ଼ା ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

*ଘଣ୍ଟାକୁ ସବୁବେଳେ ସଫା ରଖନ୍ତୁ। ଏହା ଉପରେ ଧୂଳି ଜମିବାକୁ ଦିଅନ୍ତୁ ନାହିଁ। ଭାଙ୍ଗି ଯାଇଥିବା କିମ୍ବା ଅଚଳ ଘଣ୍ଟାକୁ ଆଦୌ ଘରେ ରଖନ୍ତୁ ନାହିଁ। ଏହାଦ୍ୱାରା ଘରେ ଅଶୁଭ ହୋଇଥାଏ।

*ଅନ୍ୟପକ୍ଷେ ଘଣ୍ଟାକୁ କେବେ ବି ବିଳମ୍ବରେ ଚାଲିବାକୁ ଦେବେ ନାହିଁ। ଦରକାର ପଡିଲେ ଏହାର ସମୟକୁ ଦୁଇ ତିନି ମିନିଟ୍ ଆଗୁଆ ପଛେ କରିଦେବେ ହେଲେ ଆଦୌ ବିଳମ୍ବ ହେବାକୁ ଦେବେନି। ଏହାଦ୍ୱାରା ପରିବାର ଲୋକଙ୍କ ଉପରେ ସମୟାନୁବର୍ତ୍ତିତାର ପ୍ରଭାବ ପଡିଥାଏ।

*କୁହାଯାଏ ଘରର ହଲ୍‌ରେ ପେଣ୍ଡୁଲମ୍ ଘଣ୍ଟା ଲଗାଇବା ବି ଅତ୍ୟନ୍ତ ଶୁଭ ହୋଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୧୪-୨୦

**ମେଷ**
ମାନସିକ ଅସ୍ଥିରତା, କର୍ମଜଞ୍ଜାଳ ବଢ଼ିଯିବ, ଋଣ ପରିଶୋଧ ପାଇଁ ଚିନ୍ତା, ପାରିବାରିକ ସଦ୍‌ଭାବ ବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ, ବ୍ୟବସାୟିକ ସଫଳତା। ସାମୟିକ ଶାରୀରିକ ଅସୁସ୍ଥତା, ଆତ୍ମୀୟଙ୍କ ସହ ବିବାଦ, ପରିବହନରେ କ୍ଷତି, ପର୍ଯ୍ୟଟନର ସୁଯୋଗ।

**ବୃଷ**
ପଦମର୍ଯ୍ୟାଦା ବୃଦ୍ଧି, ସାମାଜିକ ସମ୍ମାନ, ଜମିଜମା ବିକ୍ରୟ, ବିଦେଶ ଯାତ୍ରାର ସୁଯୋଗ, ନୀଚଜନ ସମ୍ପର୍କରୁ ନିନ୍ଦା। ସମସ୍ୟାର ସମାଧାନ, ନିର୍ମାଣରେ ବିବାଦ, ମନୋରଞ୍ଜନର ମଉକା, ଯୁକ୍ତିତର୍କରୁ କଳହ, ବାଣିଜ୍ୟରେ ପ୍ରତିବନ୍ଧକ।

**ମିଥୁନ**
ସମସ୍ୟାର ସମାଧାନ, ନୂତନ କାର୍ଯ୍ୟାରମ୍ଭ, ସୁବିଧା ସୁଯୋଗ ପାଇବେ, ବନ୍ଧୁଙ୍କ ସହୃଦୟତା, ମୂଲ୍ୟବାନ୍ ଦ୍ରବ୍ୟକ୍ରୟ, କର୍ମକ୍ଷେତ୍ରରେ ମନସ୍ତାପ, ଗବେଷଣାରେ ସଫଳତା, କଚେରି ମାମଲାରେ ବିଜୟ।

**କର୍କଟ**
ଅର୍ଥ ସଂକଟରୁ ଦୁଶ୍ଚିନ୍ତା, ମାଲିମକଦ୍ଦମାରୁ ହଇରାଣ, ଅସୁସ୍ଥ ମାନସିକତା, ପାରିବାରିକ ସଦ୍‌ଭାବ, ଯାତ୍ରାରେ ଲକ୍ଷ୍ୟପୂରଣ, କଳାରେ ସମ୍ମାନ, ସାହିତ୍ୟକୃତିରୁ ପ୍ରଶଂସା, ପରିବହନରେ ଝଗଡ଼ା।

**ସିଂହ**
ଯଶ ଖ୍ୟାତି ବଢ଼ିବ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ହୋଟେଲ ବ୍ୟବସାୟରୁ ଲାଭ, ଋଣ ପରିଶୋଧର ଚିନ୍ତା, ବନ୍ଧୁ ସହ ମତାନ୍ତର, ରୋଗପୀଡ଼ାରୁ ଅସୁସ୍ଥତା। କଚେରି ମାମଲାରେ ବିଜୟୀ, ସାଙ୍ଗଠନିକ କ୍ଷେତ୍ରରୁ ପ୍ରଶଂସା।

**କନ୍ୟା**
ଭୋଗ ବିଳାସର ମଉକା, ଅର୍ଥ ପ୍ରାଚୁର୍ଯ୍ୟର ଆନନ୍ଦ, କାର୍ଯ୍ୟସିଦ୍ଧିର ସୂଚନା, ଆଶା ପୂରଣ, ଯାନ୍ତ୍ରିକ ଜିନିଷ କ୍ରୟ, ଜମିବାଡ଼ି କଳହ, ତୈଳ, ରାଜନୈତିକ ବିତର୍କ, କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ।

**ତୁଳା**
ନୂତନ କର୍ମାରମ୍ଭ, ମହାଜନୀ ଚାପ, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, ସମ୍ପର୍କରେ ନ୍ୟୂନତା, ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ରପ୍ତାନି ବାଣିଜ୍ୟରେ ବାଧା, ବନ୍ଧୁଙ୍କ ଉଦ୍‌ବେଗ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସାଧନାରେ ରୁଚି, ନୃତ୍ୟବାଦ୍ୟରେ ସୁନାମ, ଲୋକସମ୍ପର୍କ ବୃଦ୍ଧି।

**ବିଛା**
ନିରାଶାର ପରିସମାପ୍ତି, ସରକାରୀ ସହାୟତା, ଆନୁଷ୍ଠାନିକ ତତ୍ପରତା, ସଭାସମିତିକୁ ନିମନ୍ତ୍ରଣ, ଅଧ୍ୟୟନରେ ଏକାଗ୍ରତା, ଅଫିସିଆଲି ନିଷ୍ପତ୍ତି, ନୀଚ ସଙ୍ଗରୁ ଅପବାଦ, ମାଦକ ଦ୍ରବ୍ୟ ସମସ୍ୟା, ନୂତନବନ୍ଧୁ ସମ୍ପର୍କ।

**ଧନୁ**
ପାରିବାରିକ ସୌହାର୍ଦ୍ଦ୍ୟ, ଆତ୍ମୀୟଙ୍କ ସୁପରାମର୍ଶ, କଳହର ଅବସାନ, ଗୃହ ଭୂମି ଲାଭ। ପ୍ରକାଶନରେ ବିଳମ୍ବ, ପ୍ରଶାସନିକ ବିତର୍କ, ସାଙ୍ଗଠନିକ ଆଲୋଚନା, ଅର୍ଥ ସମ୍ପର୍କରୁ ବିବାଦ, ସୁପ୍ତ ଫାଇଲ୍‌କୁ ନେଇ ଦ୍ୱନ୍ଦ୍ୱ, ଅପ୍ରୀତିକର ପରିସ୍ଥିତି।

**ମକର**
ଉଚ୍ଚ ସମ୍ମାନ ପ୍ରାପ୍ତି, ମାନସିକ ସୁସ୍ଥତା, ବନ୍ଧୁଙ୍କ ସମାଦର, ଆକ୍ଷେପୋକ୍ତିରୁ କଳହ, ଆର୍ଥିକ ଦୁରବସ୍ଥା, ବନ୍ଧୁଙ୍କ ସହଯୋଗ, ଗୃହୋପଯୋଗୀ ଜମି ଲାଭ, ରୋଗର ପ୍ରାଦୁର୍ଭାବ। ସନ୍ତାନଙ୍କ ବିଶୃଙ୍ଖଳା, ବନ୍ଧୁ ସମ୍ପର୍କହାନି, ପରୋକ୍ଷ ଶତ୍ରୁତା।

**କୁମ୍ଭ**
ନୂତନ ଯୋଜନାରମ୍ଭ, ବ୍ୟାଙ୍କ ଋଣ ପାଇବେ, ଅପ୍ରିୟ ସତ୍ୟଭାଷଣରୁ ତର୍କ, ପାରିବାରିକ କଳହ, ପଡ଼ୋଶୀଙ୍କ ପ୍ରତାରଣା, ସୀମା ବିବାଦର ସମାଧାନ, ବୈବାହିକ ସମ୍ପର୍କରେ ବୁଝାମଣା, ଲେଖାପଢ଼ାରେ ଉନ୍ନତି।

**ମୀନ**
ପରୋପକାରରୁ ପ୍ରଶଂସା, ଉଚ୍ଚଚିନ୍ତା କରିବେ, ବନ୍ଧୁବତ୍ସଳ ହେବେ, କୃତିତ୍ୱରୁ ସମ୍ମାନ, ସନ୍ତାନହେତୁକ ଗୌରବ, ପରିଭ୍ରମଣର ସୁଯୋଗ। ଯାତ୍ରାରେ ସଫଳତା, କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା, ବନ୍ଧୁମାନଙ୍କ ଅନାଦର, ବନ୍ଧୁମିଳନ।

## ହଠାତ୍ ପିମ୍ପୁଡ଼ି ବାହାରୁଥିଲେ

କେବେବେଳେ ଘରୁ ହଠାତ୍ ମେଞ୍ଚା ମେଞ୍ଚା ହୋଇ ପିମ୍ପୁଡ଼ି ବାହାରୁ ଥିବାର ଦେଖାଯାଏ। କେବେ ନାଲି ତ କେବେ କଳା ରଙ୍ଗର ପିମ୍ପୁଡ଼ି ବାହାରିଥାନ୍ତି। ଏମାନେ ବି ଆମକୁ ଅନେକ କିଛି ସଙ୍କେତ ଦେଇଥାନ୍ତି। ଯଦି ଘରର କେଉଁ ସ୍ଥାନରୁ ନାଲି ରଙ୍ଗର ପିମ୍ପୁଡି ବାହାରୁଥାନ୍ତି, ତେବେ ତାହା ଆଗକୁ କରଜ ହେବାର ସଙ୍କେତ ଦେଇଥାଏ। ଅର୍ଥାତ୍ ହଠାତ୍ କୌଣସି ଅସୁବିଧାରେ ପଡି ଆମେ ଆଗକୁ ଧାରକରଜ କରିବାକୁ ଯାଉଛୁ ବୋଲି ଏହା ପୂର୍ବରୁ ଆମକୁ ସୂଚନା ଦେଇ ଦେଇଥାଏ। ହେଲେ ଏମାନଙ୍କୁ ଦେଖିବା ମାତ୍ରେ ଆମ ଭିତରୁ ଅନେକେ ପିମ୍ପୁଡି ମରା ଔଷଧ ପକାଇ ଏମାନଙ୍କୁ ମାରି ଦେଇଥାଉ। ଏହାଦ୍ୱାରା ପ୍ରଥମତଃ ଆମେ ଜୀବହତ୍ୟାର ଭାଗିଦାର ହେଲୁ। ତା'ସହିତ ସମସ୍ୟାକୁ ଆହୁରି ବଢିବାକୁ ମଧ ବାଟ ଖୋଲିଦେଲୁ। ତେଣୁ ସେମାନଙ୍କୁ ଜୀବନରୁ ନ ମାରି ପିମ୍ପୁଡ଼ି ବାହାରୁଥିବା ସ୍ଥାନରେ କିଛି ଲବଙ୍ଗ କିମ୍ବା କିଛି ତେଜପତ୍ର ଅଥବା ଲେମ୍ବୁକୁ ଦୁଇଫାଳ କରି ରଖିଦିଅନ୍ତୁ। ଦେଖିବେ କିଛି ସମୟ ପରେ ପିମ୍ପୁଡ଼ି ଆପେ ଆପେ କୁଆଡ଼େ ଚାଲିଯିବେ, ତା'ସହିତ କରଜ ସମସ୍ୟା ବି କିଛିଟା ଦୂର ହୋଇଯିବ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ କଳା ପିମ୍ପୁଡ଼ି ବାହାରୁଥିଲେ, ଏହା ଶୁଭ ସଙ୍କେତ ଦେଇଥାଏ। ଖାସ୍ କରି କଳା ପିମ୍ପୁଡ଼ି ଧାଡ଼ି ଧାଡ଼ି ହୋଇ ସାଙ୍ଗରେ କିଛି ଧଳା ଜିନିଷ ନେଇ ଯାଉଥିବାର ଦେଖିବା ଅତ୍ୟନ୍ତ ଶୁଭ ହୋଇଥାଏ।



## ପାଠକୀୟ

*ଓଡ଼ିଶାର କଳା କାରିଗରି କ୍ଷେତ୍ରରେ ଖୋଟ କାରିଗରିର ରହିଛି ଏକ ପ୍ରମୁଖ ଭୂମିକା, ଯାହାକି ଚାଷୀ ଓ କାରିଗରଙ୍କୁ ରୋଜଗାର ଦେବା ସହ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ତେଣୁ ଖୋଟ କାରିଗରିକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ହୋଇଥିଲା। 'ଦୀପାବଳିରେ କେମିତି ହେବ ଧନପ୍ରାପ୍ତି' ଏବଂ 'ଦୀପ ଜାଳିବାକୁ ନେଇ ନିୟମ' ସମ୍ପର୍କରେ ଅନେକ ଅଜଣା କଥା ଜାଣିହେବାରୁ ଖୁସି ଲାଗିଲା।

*–ରାହାସ ବିହାରି ମହାନ୍ତି, ଆଳି, କେନ୍ଦ୍ରାପଡ଼ା*

*ଓଡ଼ିଶାର ଯେଉଁ ସବୁ କଳାକାରିଗରି ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିଛି ସେଥିରେ ଖୋଟର ରହିଛି ଏକ ସ୍ୱତନ୍ତ୍ର ସ୍ଥାନ। ଖୋଟ ପାଇଁ ବିଶେଷକରି ଉପକୂଳ ଅଞ୍ଚଳର ବିଭିନ୍ନ ଜାଗାରେ ନଳିତା ଚାଷ କରାଯାଏ। ଯେଉଁଥିରୁ ଖୋଟ ସଂଗ୍ରହ କରାଯାଏ। ତେଣୁ ଏହି ଖୋଟ ଚାଷ ଏବଂ ଏଥିରୁ କ'ଣ ସବୁ କାରିଗରୀ କାମ କରାଯାଏ ସେ ସମ୍ପର୍କରେ ଛୁଟିଦିନର ପ୍ରସଙ୍ଗରୁ ଅନେକ କିଛି ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି 'କ୍ୟାଣ୍ଡେଲ ହୋଲ୍ଡର' ପାଠଟିରୁ ଅତି ସହଜରେ ଘରେ କିପରି ଆକର୍ଷଣୀୟ କ୍ୟାଣ୍ଡେଲ୍ ହୋଲ୍ଡର ତିଆରି କରିହେବ ସେ ସମ୍ପର୍କରେ ବି ବହୁ ଟିପ୍ସ ଜାଣିହେଲା।

*–ଶୁଭ୍ରାଂଶୁ ସେନାପତି, ନୟାଗଡ଼*

*ବ୍ୟକ୍ତିତ୍ୱ ପୃଷ୍ଠାରେ ସ୍ଥାନିତ ଓଡ଼ିଶୀ ପୋଷାକର ରୂପକାର ଭାଗୀରଥି ଦାସଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ନାମକରଣ' ନାମକ ଗପଟି ମୋ ମନକୁ ବେଶ୍ ଛୁଇଁଗଲା। ସେହିପରି 'ପ୍ରିୟମ୍ବଦାର ପ୍ରଶ୍ନ' ନାମକ କବିତାଟି ମଧ ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ ବର୍ଷା ପ୍ରିୟଦର୍ଶିନୀଙ୍କ ଫଟୋଟି ଅତି ଆକର୍ଷଣୀୟ ଲାଗୁଥିଲା।

*–ରୋଜାଲିନ ପ୍ରଧାନ, ଖଣ୍ଡଗିରି, ଭୁବନେଶ୍ୱର*

*ପ୍ରଥମ ରୋଜଗାର ସ୍ତମ୍ଭରୁ ସାମାଜିକ କର୍ମୀ କୁଳମଣି ମଲ୍ଲିକଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍ ଲାଗୁଥିଲା। 'ମଲ୍ଟିଚେନ୍ ଇୟର ରିଂ' ପାଠଟିରୁ ଫ୍ୟାଶନର ଏକ ନୂଆ ଦିଗ ସମ୍ପର୍କରେ ଅନେକ କିଛି ଜାଣିହେଲା। ମଡେଲ୍ ମିରର୍‌ରେ ଇଲିମା ବେଶ୍ ସୁନ୍ଦରୀ ଲାଗୁଥିଲେ।

*–ଯୋଗେଶ ସାମନ୍ତରାୟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*

*ସହରଠୁ ଦୂର ପୃଷ୍ଠାରୁ ଦୀପାବଳିରେ କେଉଁ କେଉଁ ସ୍ଥାନକୁ ବୁଲିଯିବା ଉପଯୁକ୍ତ ହେବ ସେ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସେହିପରି ଏଥରର ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ହୋଇପାରିଥିଲା। ଅନ୍ୟପକ୍ଷେ ଉକ୍ତ ସଂଖ୍ୟାର ଚିନ୍ମୟ ଚିନ୍ତନ 'ଅଙ୍ଗଦ ମିଛ କହିଲେ' ବି ବହୁତ ସୁନ୍ଦର ହୋଇଥିଲା।

*–ରଂଜିତା ବିଶ୍ୱାଳ, କେନ୍ଦୁଝର*



### ବିଶେଷ ଚିଠି

ଧରିତ୍ରୀର ତୁମେ ପୁନେଇଁ ଚାନ୍ଦ
ଦେଇଥାଅ ପୁଣି ସଭିଙ୍କୁ ଆନନ୍ଦ
ଷୋହଳ ପୃଷ୍ଠାରେ ତୁମେ ଆସିଥାଅ
ସଭିଙ୍କ ମନରେ ଘର କରିଯାଅ।
ରବିବାରେ ହୁଏ ତୁମ ସହ ଦେଖା
ପୁଣି ଥାଏ ଆଉ ରବିବାରକୁ ଅପେକ୍ଷା।
ପ୍ରଭୁଙ୍କ ନିକଟେ କରୁଛି ମିନତୀ
ସଦୟ ହେଉଥାନ୍ତୁ ତୁମକୁ ଏମିତି।

*–ରାକେଶ ମହାନ୍ତି,*
*ପୋଖରୀପୁଟ, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଶିଶୁଙ୍କ ଦରଦୀ ବନ୍ଧୁ



**ଶିଶୁ ଦେଶର ଭବିଷ୍ୟତ କିନ୍ତୁ ପରିସ୍ଥିତି ପରିବେଶ ସବୁ ଶିଶୁଙ୍କ ପାଇଁ ଅନୁକୂଳ ନ ଥାଏ, ଯେଉଁଥିପାଇଁ ଲାଗେ ତାଙ୍କ ଭବିଷ୍ୟତ ଅନ୍ଧାରା ହେଲେ ଏମିତି ଅନେକ ଅଛନ୍ତି ଯେଉଁମାନେ ପ୍ରତିକୂଳ ପରିସ୍ଥିତିରେ ଥିବା ଶିଶୁଙ୍କ ଭବିଷ୍ୟତ ସଜାଡ଼ିବା ଦାୟିତ୍ୱ ନେଇଛନ୍ତି....**

ଶିଶୁ ହସିଲେ ଦେଶ ହସିବ। ଶିଶୁମାନେ ଦେଶର ଭବିଷ୍ୟତ। କିନ୍ତୁ ବେଳେବେଳେ ସମୟ କାହାରିକୁ କେମିତି ପରିସ୍ଥିତିର ସମ୍ମୁଖୀନ କରାଇଥାଏ। ଏଥିଯୋଗୁ କେତେକ ଶିଶୁଙ୍କ ଭବିଷ୍ୟତ ଗଠନ ସରସସୁନ୍ଦର ହେଉଥିବା ବେଳେ ଓ ଆଉ କାହାର ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟକ୍ତିତ୍ୱ ବିକାଶରେ ବାଧା ଉପୁଜିଥାଏ। ଯାହା ସୁସ୍ଥ ସମାଜ ଗଠନ ପାଇଁ ଶୁଭଙ୍କର ନୁହେଁ। ଏମିତି ପରିସ୍ଥିତିରେ କେତେଜଣ ବ୍ୟକ୍ତି ଶିଶୁମାନଙ୍କ ସୁରକ୍ଷା ଓ ଭବିଷ୍ୟଗଠନ ପାଇଁ ବିଭିନ୍ନ ଗଠନମୂଳକ କାର୍ଯ୍ୟ କରିବାକୁ ଆଗେଇ ଆସିଥାନ୍ତି। ସେମିତି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ...

**ଗାଁରେ ଗରିବ ପିଲାଙ୍କୁ ପଢ଼ାନ୍ତି–** ସେ ଜଣେ କଲେଜ ଛାତ୍ର। ମାତ୍ର ଜନସେବାକୁ ନିଜର ବ୍ରତ ବୋଲି ମନେ କରନ୍ତି। ସ୍କୁଲ ଓ କଲେଜ ବୟସରୁ ସେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ନିଜ ଗାଁର କେତେଜଣ ଗରିବ ଆଦିବାସୀ ପିଲାଙ୍କୁ ମାଗଣାରେ ସେ ପାଠ ପଢ଼ାଇବାରେ ଖୁସୀ ହୁଅନ୍ତି। ସେ ହେଲେ ମାନସ କୁମାର ସାହୁ । ବୟସ ପ୍ରାୟ୨୮ ହେବ। ଘର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ଗାଁରେ। ସେ କୁହନ୍ତି ଆମ ଘର ପାଖରେ ରହିଛି ଜନତା କଲେଜ। ଏହି କଲେଜର ପଶ୍ଚିମପଟେ ରହିଛି ଛୋଟ ଆଦିବାସୀ ସାହି ଗାଁ ଟିଏ। ନାଁ ତା'ର ଅନ୍ଧାରି। ଏଠାକାର ଲୋକମାନେ ଖୁବ୍ ସରଳ । ପ୍ରାୟତଃ ଦିନ ମଜୁରିଆ। ଜଙ୍ଗଲରୁ ଜାଳେଣି କାଠ, ଦାନ୍ତକାଠି ସଂଗ୍ରହକରି ଗାଁରେ ବିକ୍ରିକରି ନିଜ ପରିବାର ଚଳାଇଥାନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷାଠାରୁ ବହୁ ଦୂରରେ। ଅନେକ ପିଲା ସ୍କୁଲ ଓ କଲେଜ ଶିକ୍ଷାରୁ ବଞ୍ଚିତ । କାରଣ ଶିକ୍ଷା ଗ୍ରହଣ ପାଇଁ ଅଧିକ ଅର୍ଥ ଦରକାର ପଡ଼େ ବୋଲି ଏମାନଙ୍କ ଧାରଣା ରହିଛି। ଏମିତି ପରିସ୍ଥିତିକୁ ଅନୁଧ୍ୟାନ କରି ପ୍ରଥମେ ଅନ୍ଧାରି ସାହିରେ ପ୍ରତିଦିନ ସକାଳୁ ସକାଳୁ ଗୋଟିଏ ଖବରକାଗଜ ପଢ଼ି ଲୋକଙ୍କୁ ଦେଶବିଦେଶର କଥା ଶୁଣାଉଥିଲି। ଏମିତି କିଛିଦିନ ଚାଲିଲା। ତା'ପରେ ମୋର ବଳକା ସମୟରେ ଛୋଟଛୋଟ ପିଲାମାନଙ୍କୁ ମାଗଣାରେ ପାଠ ପଢ଼େଇବା ପାଇଁ ଚିନ୍ତା କରି ପ୍ରଥମେ ୬ଜଣ ପିଲାଙ୍କୁ ନେଇ ପଠାପଢ଼ାଇବା କାର୍ଯ୍ୟ ଆରମ୍ଭ କରିଥିଲି। ଯେଉଁମାନେ କି ଅଧାରୁ ପଢ଼ା ଛାଡୁଥିଲେ, ପୁଣି ଯିଏ ଆଦୌ ପାଠ ପଢ଼ି ନ ଥିଲେ ସେମାନଙ୍କୁ ସଚେତନ କରାଇଥିଲୁ। ଏହି କାର୍ଯ୍ୟ ପାଇଁ ମୁଁ ପ୍ରଥମେ ମୋ ପକେଟମନିରୁ ସଞ୍ଚିତ ଅର୍ଥରେ ବହି, ଖାତା, ସ୍ଲେଟ ଆଣି ପିଲାଙ୍କୁ ଯୋଗାଇଥିଲି। ବିଶେଷକରି ଖରାଛୁଟିରେ ପଢ଼ାଇବାରେ ଅଧିକ ସମୟ ଦେଉଥିଲି। ପ୍ରତି ରବିବାର ଓ ଶନିବାର ଦିନ ସ୍ୱତନ୍ତ୍ରଭାବେ କିଛି ଶିକ୍ଷଣୀୟ କାର୍ଯ୍ୟ ସହିତ ପଢ଼ାଇଥାଏ। ଧୀରେଧୀରେ ପିଲାମାନେ ସ୍କୁଲ ଯିବା ଏବଂ ଶିକ୍ଷା ପ୍ରତି ସଚେତନ ହେଲେ। ପ୍ରାୟ ୨୬ଜଣ ପିଲାଙ୍କୁ ପାଠ ପଢାଉଛି। ପୁଣି ୬ଜଣ ପିଲା କଲେଜ ଯାଏ ପଢ଼ିଲେଣି। ଝିଅମାନେ କିପରି ପାଠ ପଢ଼ିବେ ସେଥିପାଇଁ ସଚେତନତା କାର୍ଯ୍ୟକ୍ରମ କରି ଗପ ଓ ଗୀତ ବହି ବାଣ୍ଟିଛୁ । ଅନ୍ୟପକ୍ଷେ କଲେଜ ବୟସରେ ଏନ୍‌ଏସ୍‌ଏସ୍‌ରେ ଯୋଗଦେଇ ବିଭିନ୍ନ ଜନସଚେତନତା କାର୍ଯ୍ୟରେ ସାମିଲ ହୋଇଥିଲି। ପୁଣି ବିଏ ପଢ଼ା ସରିଲା ପରେ ଏମ୍‌ଏସ୍‌ଡବ୍ଲ୍ୟୁ କୋର୍ସ ସାରିଛି। କିଛିବର୍ଷ ଏନ୍‌ୱାଇକେଏସ୍‌ରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ଗାଁ ଗାଁ ବୁଲି କରୋନାଠାରୁ ଦୂରେଇବା ପାଇଁ ମାସ୍କ, ସାନିଟାଇଜର ବ୍ୟବହାର, ଟିକାଦାନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲାଗି ବିଭିନ୍ନ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଛି।

**ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସହଯୋଗ କରନ୍ତି** –ଥରେ ତାଙ୍କ ଗାଁର ଜଣେ ବ୍ୟକ୍ତି ଟିବିରେ ରୋଗରେ ଆକ୍ରାନ୍ତ ହେଲେ। ସେହି ବ୍ୟକ୍ତିଙ୍କୁ ସେ କଟକ ବଡ଼ମେଡ଼ିକାଲକୁ ଆଣିଥିଲେ ଚିକିତ୍ସା ପାଇଁ। ସେବେଠାରୁ ସେ ଏମିତି ସେବାକୁ ଆପଣେଇଛନ୍ତି। ବିଶେଷକରି ଶିଶୁମାନଙ୍କ ସୁରକ୍ଷା ପାଇଁ ସେ ଚିନ୍ତିତ ଥାଆନ୍ତି। ସେ ହେଲେ ଲକ୍ଷ୍ମଣ ରାଓ, ପିତା ଏଲ. ବଳରାମ ରାଓ । ଘର ଯାଜପୁର ରୋଡ଼ର ଯୋକଡ଼ିଆରେ। ମାତ୍ର ସେ ରୁହନ୍ତି କଟକ ବକ୍ସି ବଜାରରେ। ସେ କୁହନ୍ତି, ଆଜକୁ ପ୍ରାୟ ୩୫ବର୍ଷ ଧରି ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ବୟସ୍କ ଓ ଶିଶୁମାନଙ୍କ ଚିକିତ୍ସା ସେବାରେ ନିଜକୁ ସାମିଲ କରିଆସିଛି । ତେବେ ଯେତେବେଳେ ଶିଶୁମାନେ ଦୁରାରୋଗରେ ପୀଡିତ ହୋଇ ଡାକ୍ତରଖାନା ଆସନ୍ତି ମୋ' ହୃଦୟ କାନ୍ଦି ଉଠେ। ସେମାନଙ୍କୁ କିଭଳି ଉପଯୁକ୍ତ ଚିକିତ୍ସା ମିଳିପାରିବ ମୁଁ ମୋ ନିଜର ସାଧ୍ୟମତେ ସାହାଯ୍ୟ କରିଥାଏ। ଅନେକ ସମୟରେ ବାପାମା' କେଉଁଠିକୁ ଯିବେ କେଉଁ ଡାକ୍ତରଙ୍କୁ ଦେଖେଇବେ ଜାଣିପାରନ୍ତି ନାହିଁ। ସେସବୁ କାମରେ ମୁଁ ସେମାନଙ୍କୁ ସାହାଯ୍ୟ କରିଥାଏ। ୧୯୮୭ମସିହାଠାରୁ ଏପରି ସେବାକାର୍ଯ୍ୟ ଚାଲୁରଖିଛି। ୧୯୯୯ମସିହାରେ ଜଣେ ଅସହାୟ ଝିଅଙ୍କ ସହିତ ମୋର ବିବାହ ହେଲା ।





ତ୍ରିଲୋଚନ ବେହେରା




ମାନସ କୁମାର ସାହୁ


ଲକ୍ଷ୍ମଣ ରାଓ

ସମୟକ୍ରମେ ତାଙ୍କ ମା'ଙ୍କ ଅକାଳ ମୃତ୍ୟୁ ଯୋଗୁ ସେ ବଡ଼ମେଡ଼ିକାଲରେ ଚାକିରିଟିଏ ପାଇଲେ। ଏଥିଯୋଗୁ ବଡ଼ ମେଡିକାଲରେ ରୋଗୀଙ୍କୁ ସାହାଯ୍ୟ କରିବାକୁ ମତେ ଆଉ ଟିକେ ସହଜ ହେଲା। ମେଡ଼ିକାଲକୁ ଯେବେ ଯାଏ ଗରିବ ଅସହାୟ ଅସୁସ୍ଥ ପିଲାଙ୍କୁ ଦେଖିବା କ୍ଷଣି ସ୍ୱତଃପ୍ରବୃତ୍ତ ଭାବେ ସେମାନଙ୍କୁ କିପରି ସାହାଯ୍ୟ କରିପାରିବି ମନକୁ ଚାଲିଆସେ। ସେମାନେ କେଉଁ ବିଭାଗକୁ ଯିବେ, କେଉଁ ଚିକିତ୍ସା ପାଇଁ ଯିବେ, ସେଠାରେ କିପରି ପହଞ୍ଚି ପାରିବେ ଇତ୍ୟାଦି ସେବା କାର୍ଯ୍ୟକରିଥାଏ। ଏଥିପାଇଁ କାହାରିଠାରୁ କିଛି ଟଙ୍କା ନିଏ ନାହିଁ। ଏମିତି କାମରେ ମତେ ଭଗବାନଙ୍କ କୃପା ମିଳେ।

**ଥାଲାସେମିଆ ଶିଶୁଙ୍କୁ ପୌଷ୍ୟସନ୍ତାନଭାବେ ଗ୍ରହଣ କଲେ–** ସବୁବେଳେ ସେ ପରର ଉପକାର ଚିନ୍ତା କରିଥାନ୍ତି। ରକ୍ତଦାନ କରି ଅନେକଙ୍କ ଜୀବନ ବଞ୍ଚାଇବାରେ ତାଙ୍କୁ ଈଶ୍ୱରୀୟ ଆନନ୍ଦ ମିଳେ। ତାଙ୍କ ଜୀବନକାଳ ମଧ୍ୟରେ ୧୬୦ରୁ ଅଧିକ ଥର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ସାରିଲେଣି। ତାସହ କିଛି ଥାଲାସେମିଆ ରୋଗରେ ଆକ୍ରାନ୍ତ ଶିଶୁଙ୍କୁ ରକ୍ତ ଯୋଗାଇବା କାର୍ଯ୍ୟ ବି କରୁଛନ୍ତି। ଏବେ ପରିଣତ ବୟସରେ ବି ସେ ରକ୍ତଦାନ ଶିବିର ପାଇଁ ଜନସଚେତନତା ଚାଲୁ ରଖିଛନ୍ତି। ସେଥିପାଇଁ ମହାମହିମ ରାଜ୍ୟପାଳଙ୍କଠାରୁ ତାଙ୍କୁ ବହୁବାର ପୁରସ୍କାର ଓ ସମ୍ମାନ ମିଳିଛି। ସେ ହେଲେ ଗୋପୀ ମୋହନ ପଟ୍ଟନାୟକ । ସେ କୁହନ୍ତି, ୧୯୭୭ ମସିହାର କଥା । ଭୁବନେଶ୍ୱର ୬ନମ୍ବର ଅଞ୍ଚଳ ଗଭର୍ଣ୍ଣର ହାଉସ ନିକଟ ଭେନସ ହୋଟେଲ ସମ୍ମୁଖ ରାସ୍ତା । ସମୟ ପ୍ରାୟ ଦିନ ୨ଟା ହେବ। ଠିକ୍ ଏହି ସମୟରେ ଦ୍ରୁତଗତିରେ ମାଡ଼ି ଆସୁଥିବା ଏକ ମାଟାଡୋର ସହିତ ବିପରୀତ ଦିଗରୁ ଆସୁଥିବା ଗୋଟିଏ ମିନିବସ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରାୟ୧୫ଜଣ ଆହତ ହୋଇ ବିକଳ ଚିତ୍କାର କରୁଥିଲେ । ସେଠାରେ ହଠାତ୍ ଏମିତି ଘଟଣା ଦେଖି କ'ଣ କରିବି କିଛି ଭାବିପାରୁ ନ ଥାଏ । କିନ୍ତୁ ନିକଟରେ ଥିବା ଏକ କାଠଗୋଲାରୁ ଟ୍ରଲି ରିକ୍ସାଟିକୁ ଟାଣିଆଣି ଘଟଣାସ୍ଥଳରୁ ଆହତ ହୋଇଥିବା ଦୁଇଜଣ(ଜଣେ ମହିଳା ଓ ଜଣେ ପୁରୁଷ)ଙ୍କୁ ଉଦ୍ଧାରକରି ୬ନମ୍ବର ମେଡିକାଲକୁ ନେଇଯାଇଥିଲି । ଡାକ୍ତର ତାଙ୍କର ଚିକିତ୍ସାରେ ତାଙ୍କୁ ରକ୍ତ ନ ଦେଲେ ତାଙ୍କର ଜୀବନ ଚାଲିଯିବ ବୋଲି କହିଥିଲେ। ଏମିତି ପରିସ୍ଥିତିରେ ସମସ୍ତେ ରୁଣ୍ଡ ହୋଇ ଦେଖୁଥିଲେ ମଧ୍ୟ କେହି ରକ୍ତ ଦେବାକୁ ମନ ବଳାଉ ନ ଥିଲେ। ମନରେ ଟିକେ ଭୟ ଆସୁଥିଲା । ତା'ପରେ ରକ୍ତ ଦେଇଥିଲି । ତା' ପରଦିନ ମେଡ଼ିକାଲକୁ ଯାଇ ଦେଖିଲି ଲୋକଟି ଖୁସି ଅଛି। ସେଥିପାଇଁ ମତେ ଭଲ ଲାଗିଲା । ଯାହା ଭୟ ଥିଲା ସବୁ ଦୂରେଇଗଲା। ସେବେଠାରୁ ସବୁ ଠିକ୍‌ଠାକ୍ ଚାଲିଛି। ସେହିପରି ୨୦୦୪ ମସିହାର କଥା– ମେଡିକାଲରେ ଛୋଟ ଝିଅଟିଏ ରକ୍ତ ପାଇଁ ତା' ମା'କୁ କହୁଛି, ମା' କାଲି ଯଦି ରକ୍ତ ନ ମିଳିବ ତେବେ ମୁଁ ମରିଯିବି ନା ! ଏହି କଥାଟି ଶୁଣି ତା' ମା'ର ଆଖିରେ ଲୁହ ଛଳଛଳ ହୋଇ ଯାଉଥାଏ। ତାଙ୍କର ବିକଳ ସହିପାରିଲି ନାହିଁ। ତାକୁ ରକ୍ତ ଦେବା ପାଇଁ କହିଲି। କିନ୍ତୁ ସେ ପିଲାଟି ଥାଲାସେମିଆ ରୋଗରେ ଆକ୍ରାନ୍ତ। ତାକୁ ପ୍ରତି ମାସରେ ରକ୍ତ ଦରକାର। କେଉଁଠୁ ଆସିବ! ସେଥିପାଇଁ ଚିନ୍ତାକଲି। ଆଉ ମୋ ସହିତ ଖେଳୁଥିବା କେତେକ ସାଙ୍ଗ ଓ ଅନ୍ୟ କେତେଜଣଙ୍କୁ ଏ ବିଷୟରେ ଜଣାଇଲି। ସେବେଠାରୁ ଥାଲାସେମିଆ ଶିଶୁଙ୍କ ଜୀବନ ରକ୍ଷା ପାଇଁ ପ୍ରୟାସ ଜାରି ରଖିଛି। ଏମିତି ପିଲାଙ୍କୁ ରକ୍ତ ଦେବା ପାଇଁ ପରିବାର ଜରିଆରେ ଏକ ୧୨ଜଣିଆ ଗ୍ରୁପ କରିଛି। ପ୍ରତି ମାସରେ ଜଣେ ଲେଖାଏଁ ମାଗଣା ରକ୍ତଦାନ କରିଥାନ୍ତି। ପ୍ରାୟ ୫ଜଣ ଥାଲାସେମିଆ ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ମଧ ଗ୍ରହଣ କରିଛି। ଆଉ ସେମାନଙ୍କୁ ରକ୍ତଦାନର ବ୍ୟବସ୍ଥା କରିଆସୁଛି। ଏବେ ଜଣେ ୧୮ବର୍ଷ ବୟସର ଝିଅଙ୍କୁ ପ୍ରତି ମାସରେ ରକ୍ତଦାନ କରାଯାଉଛି।

**ଦିବ୍ୟାଙ୍ଗ ପିଲାଙ୍କର ଦରଦୀ ବନ୍ଧୁ** – ସକାଳୁ ସକାଳୁ ନିଜର ରୋଜଗାର ସାରି ପ୍ରାୟ ୧୧ଟା ବେଳକୁ ସେ ବାହାରି ପଡନ୍ତି ବିଭିନ୍ନ ବସ୍ତି ଅଞ୍ଚଳକୁ। ବିଭିନ୍ନ ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷା ଦେବାରେ ସମୟ ବିତାଇଥାନ୍ତି। ସେମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଲାଗି ରାଜ୍ୟର ଅନେକ ଦୃଷ୍ଟିହୀନ ପିଲାଙ୍କୁ ବିଶେଷକରି କ୍ରିକେଟ, ଫୁଟବଲ ଓ ଚେସ୍ ଖେଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ସେ ହେଲେ ତ୍ରିଲୋଚନ ବେଉରା, ଡାକନାମ( ମାନସ)। ଘର ଖୋର୍ଦ୍ଧା ଜିଲା ଦାରୁଠେଙ୍ଗରେ। ସେ କୁହନ୍ତି– ବିଏ ପାସ୍ କରିବା ପରେ ମନପସନ୍ଦର ଚାକିରିଟିଏ ପାଇଁ ବହୁତ ଉଦ୍ୟମ କରିଥିଲି। ହେଲେ ସେମିତି କିଛି ହୋଇ ପରିଲାନାହିଁ। ତେଣୁ ନିଜକୁ କୌଣସି କାର୍ଯ୍ୟରେ ନିୟୋଜିତ ରଖି ମାନସିକ ଶାନ୍ତି ପାଇବା ପାଇଁ ସେ ଦିବ୍ୟାଙ୍ଗ ପିଲାମାନଙ୍କ ବିକାଶ ଦିଗରେ କାର୍ଯ୍ୟ କରିଲି। ତାସହ ଦୃଷ୍ଟିବାଧିତ ପିଲା ଓ ଦିବ୍ୟାଙ୍ଗ ପିଲାଙ୍କୁ କିଭଳି ଭଲଭାବେ ତାଲିମ ଦେଇପାରିବି ସେଥିପାଇଁ ୨୦୨୧ମସିହାରେ ଏକ ଘରୋଇ ସଂସ୍ଥା ଜରିଆରେ ପାରିଭ୍ରାମିକ ଶିକ୍ଷା ଗ୍ରହଣ କଲି। ପୁଣି ବ୍ରେଲିଲିପିରେ ପ୍ରାୟ ୩ମାସ ଟ୍ରେନିଂ ନେଲି। ଜାତୀୟ ଦୃଷ୍ଟିବାଧିତ ଅନୁଷ୍ଠାନ ସଂସ୍ଥା ମୁମ୍ବାଇରୁ ବି ତାଲିମ ନେଲି। ପରେ ବିଭିନ୍ନ ଦିବ୍ୟାଙ୍ଗ ପିଲାଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରଥମେ ନିଜେ ବିଭିନ୍ନ ଗାଁ ଓ ବସ୍ତିରେ ଘୂରିବୁଲି ଦିବ୍ୟାଙ୍ଗ ପିଲାଙ୍କୁ ସ୍କୁଲ ଯିବାରେ ସହଯୋଗ କଲି। ତେବେ ମୋର ଏହିସବୁ କାର୍ଯ୍ୟ ଦେଖି ଏକ ଘରୋଇସଂସ୍ଥା ମୋ କାମରେ କିଛି ସହଯୋଗ କରିବାକୁ କହିବାରୁ ଅଧିକ ଆଗ୍ରହୀ ହୋଇଥିଲି। ଏଯାଏ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପିଲାଙ୍କୁ ପାଠପଢ଼ାଇବାଠାରୁ ଆରମ୍ଭକରି ଚେସ, ଫୁଟବଲ ଓ କ୍ରିକେଟ ଆଦି ଖେଳ ଶିକ୍ଷା ଦେଇଛି। ଦିବ୍ୟାଙ୍ଗ ପିଲାମାନଙ୍କୁ କିଭଳି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ହେବ ଓ ସାଧାରଣ ପିଲାଙ୍କ ଭଳି ସେମାନଙ୍କୁ ସାଧାରଣ ସ୍କୁଲରେ କିପରି ସାମିଲ କରି ସେମାନଙ୍କୁ ସକ୍ଷମ କରିହେବ ସେ ପ୍ରୟାସ ଜାରି ରଖିଛି। ଏଥିପାଇଁ ୧ମରୁ ୧୦ମ ଯାଏ ପିଲାଙ୍କୁ ସହଯୋଗ କରିଥାଏ। ତେବେ ନିଜ ପରିବାର ଚଳାଇବା ପାଇଁ କାନନବିହାର ଅଞ୍ଚଳରେ ଏକ ଗ୍ରୋସରି ଓ ପରିବା ଦୋକାନଟିଏ ଖୋଲିଛି। ସକାଳୁ ସକାଳୁ ନିଜର ରୋଜଗାର କାର୍ଯ୍ୟ ସାରି ପ୍ରାୟ ୧୧ଟା ବେଳକୁ କାଟେଣୀ, ଚନ୍ଦକା, ସମପୁର, ବାରଙ୍ଗ ଆଦି ସ୍ଥାନରେ ରହୁଥିବା ଦିବ୍ୟାଙ୍ଗ ପିଲାଙ୍କୁ ପଢ଼େଇବା ଓ ଖେଳେଇବାରେ ସମୟ ବିତେଇଥାଏ। ଦିବ୍ୟାଙ୍ଗମାନଙ୍କୁ ଉପଯୁକ୍ତ ପରିବେଶ ଓ ଟ୍ରେନିଂ ମିଳିଲେ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିଘଟେ। ସେମାନେ ଅନେକ କ୍ଷେତ୍ରରେ ସକ୍ଷମ ହୋଇପାରନ୍ତି। ତେଣୁ ସେମାନଙ୍କୁ ଉପଯୁକ୍ତ ତାଲିମ ଦେବାକୁ ପ୍ରୟାସ ଜାରି ରଖିବି।

ସରକାରୀ, ବେସରକାରୀ ସ୍ତରରେ ଶିଶୁମାନଙ୍କ ବିକାଶ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ଅଧିକାଂଶ ଶିଶୁ ଏକ୍ଷେତ୍ରରୁ ବଞ୍ଚିତ। ତେବେ ସୁଖର କଥା କିଛି ଲୋକ ଏହି ଶିଶୁମାନଙ୍କ ପାଇଁ ସମୟ ଦେବା ସହ ସେମାନଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରୁଛନ୍ତି, ଯାହା ଏହି ଶିଶୁମାନଙ୍କ ଭବିଷ୍ୟତ ଗଢିବାରେ ସହାୟକ ହେବ।

–ବନବିହାରୀ ବେହେରା


ଗୋପୀ ମୋହନ ପଟ୍ଟନାୟକ







ତିଳକ

# ଛୋଟ ପିଲା ବଡ଼ କାମ

ହସିବା ଖେଳିବା ବୟସ ସେମାନଙ୍କର। କିନ୍ତୁ ଏଇ ବୟସରେ ସେମାନେ ଏମିତି କିଛି କରିଦେଖାଇଛନ୍ତି ଯାହାକୁ ବଡ଼ମାନେ କରିବା ବି କଷ୍ଟକର । ନିଜର ସାହସ, ବୁଦ୍ଧି ଓ ବିଶେଷ ପ୍ରତିଭା ପାଇଁ ଏଇ କୁନି କୁନି ପିଲାମାନେ ସାରା ପୃଥିବୀରେ ପାଇଛନ୍ତି ସ୍ୱତନ୍ତ୍ର ପରିଚୟ..


ଯଥାର୍ଥ

**ତିଳକ ମେହତା:** ୨୦୦୬ ଗୁଜରାଟରେ ଜନ୍ମିତ ତିଲକ, କଅଁଳ ବୟସରେ ଯାହା କରି ଦେଖାଇଛନ୍ତି ତାହା ବେଶ୍ ଅବିଶ୍ୱସନୀୟ ଲାଗେ। ତାଙ୍କୁ ଯେତେବେଳେ ୧୩ ବର୍ଷ ବୟସ ହୋଇଥିଲା ସେ ଆରମ୍ଭ କରିଥିଲେ ନିଜର ଏକ ଷ୍ଟାର୍ଟଅପ ତଥା କୋରିଅର୍ ବେସ୍ଡ କମ୍ପାନୀ 'ପେପର୍ ଏନ୍ ପାର୍ସଲ'। ଖେଳିବା, ବୁଲିବା, ଟିଭି ଦେଖା ବୟସରେ ସେ ପାଠପଢ଼ା ସହ ନିଜ କମ୍ପାନୀ କଥା ବୁଝୁଛନ୍ତି। ଆଉ ବର୍ତ୍ତମାନ ତାଙ୍କ ବ୍ୟବସାୟ ୧୦୦ କୋଟିରେ ପହଞ୍ଚିସାରିଛି। ମୁମ୍ବାଇରେ ରହୁଥିବା ତିଲକ ଗୋଟିଏ ଦିନରେ କିଭଳି ପାର୍ସଲ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବ ସେହି ବ୍ୟବସ୍ଥା କରିଛନ୍ତି। ସେ ଡୋର୍ ଟୁ ଡୋର୍ ପିକ୍ ଅପ୍ ଓ ଡେଲିଭରି ସର୍ଭିସ୍ ପ୍ରଦାନ କରୁଛନ୍ତି। ଏତେ କମ୍ ବୟସରେ ଏତେ ବଡ଼ ବ୍ୟବସାୟ ଗଢ଼ି ତାକୁ ସଫଳତାର ସହ ଚଳାଉଥିବାରୁ ସେ ୨୦୨୦ରେ ଗ୍ଲୋବାଲ ଚାଇଲ୍ଡ ପ୍ରୋଡିଜି ସମ୍ମାନରେ ସମ୍ମାନିତ ହୋଇଛନ୍ତି।

**ଯଥାର୍ଥ ମୂର୍ତ୍ତି:** ଯିଏ ଯେଉଁ ଦେଶର ନିବାସୀ ସେମାନେ ସେଇ ଦେଶର ଜାତୀୟ ସଙ୍ଗୀତ ଭଲଭାବେ ଜାଣିଥାନ୍ତି। କିନ୍ତୁ ବାଙ୍ଗାଲୋର, କର୍ନାଟକର ୧୪ ବର୍ଷୀୟ ଯଥାର୍ଥ କେବଳ ନିଜ ଦେଶ ଭାରତର ନୁହେଁ ବରଂ ୨୬୦ଟି ଦେଶର ଜାତୀୟ ସଙ୍ଗୀତ ବେଶ୍ ସୁନ୍ଦରଭାବେ ଗାଇପାରନ୍ତି। ପୃଥିବୀରେ ୟୁଏନ୍ ମାନ୍ୟତାପ୍ରାପ୍ତ ୧୯୩ଟି ଦେଶ ଅଛି। ତା'ଛଡା ୟୁଏନ୍ ମାନ୍ୟତା ପାଇ ନ ଥିବା ମଧ୍ୟ ଅନେକ ଦେଶ ଅଛି। ସେହି ଦେଶଗୁଡ଼ିକର ବି ଜାତୀୟ ସଙ୍ଗୀତ ଥାଏ। ଯଥାର୍ଥ ସେହିସବୁ ଜାତୀୟ ସଙ୍ଗୀତକୁ ବି ମନେ ରଖି ସୁନ୍ଦରଭାବେ ଗାଇପାରନ୍ତି। ତେଣୁ ଦୁଇ ଦୁଇ ଥର ସେ ଲିମ୍କା ବୁକ୍ ଅଫ୍ ରେକର୍ଡସ୍‌ରେ ସବୁଠାରୁ ଅଧିକ ଦେଶର ଜାତୀୟ ସଙ୍ଗୀତ ଗାଇପାରୁଥିବା ପିଲାଭାବେ ସ୍ଥାନ ପାଇଛନ୍ତି। ୨୦୨୦ରେ ସେ ଗ୍ଲୋବାଲ୍ ଚାଇଲ୍ଡ ପ୍ରୋଡିଜି ସମ୍ମାନରେ ବି ସମ୍ମାନିତ ହୋଇଛନ୍ତି।

**ଅଦ୍ୱୈତ କୋଲାରକର:** ମାତ୍ର ୬ ବର୍ଷରୁ ହିଁ ଅଦ୍ୱୈତ ସାରା ପୃଥିବୀରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଥିଲେ। ଆଉ ପାଇଥିଲେ ସର୍ବକନିଷ୍ଠ ହାଇ ଫ୍ଲାୟର୍ ୫୦ ଟାଇଟଲ୍। ଏହି ଟାଇଟଲ୍ ସେ ତାଙ୍କର ଅଦ୍ଭୁତ ଚିତ୍ରକଳା ପାଇଁ ପାଇଛନ୍ତି। ତା ଛଡା ଗ୍ଲୋବାଲ ଚାଇଲ୍ଡ ପ୍ରୋଡିଜି ସମ୍ମାନ ବି ପାଇଛନ୍ତି। ୮ ମାସର ହୋଇଥିବା ସମୟରୁ ହିଁ ସେ ରଙ୍ଗ ସହ ଖେଳିବା ଆରମ୍ଭ କରିଦେଇଥିଲେ। ବାପା ମା' ତାଙ୍କର ଏହି ଅନ୍ତର୍ନିହିତ କଳାକୁ ଚିହ୍ନିପାରିଥିଲେ। ୨୦୧୬ରେ ଯେତେବେଳେ ତାଙ୍କୁ ଯେବେ ୨ ବର୍ଷ ବୟସ ହୋଇଥିଲା ତାଙ୍କର ପ୍ରଥମ ସୋଲୋ ଆର୍ଟ ଏକ୍ଜିବିଶନ୍ ପୁଣେରେ ହୋଇଥିଲା। ଏହାପରେ ପରିବାର ସହ ସେ କାନାଡ଼ା ଚାଲିଯାଇଥିଲେ। କାନାଡ଼ାରେ ବି ସୋଲୋ ଏକ୍‌ଜିବିଶନ୍ ହୋଇଥିଲା। ସେଠାରେ ତାଙ୍କର ପେଣ୍ଟିଂ ୨୦୦୦ ଡଲାରରେ ବିକ୍ରି ହୋଇଥିଲା। ନିକଟରେ ତାଙ୍କ ପେଣ୍ଟିଂ ନ୍ୟୁୟର୍କ ଆର୍ଟଏକ୍ସପୋରେ ବି ପ୍ରଦର୍ଶିତ ହୋଇଛି। ୪୦ ବର୍ଷର ଇତିହାସରେ ସେ ହେଉଛନ୍ତି ସର୍ବକନିଷ୍ଠ ଚିତ୍ରକର, ଯାହାଙ୍କ ପେଣ୍ଟିଂ ଏଠାରେ ପ୍ରଦର୍ଶିତ ହୋଇଛି।

**ଅର୍ଶଦୀପ ସିଂ:** ଜଲନ୍ଧରର ଅର୍ଶଦୀପ ଜଣେ ଜଣାଶୁଣା ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର। ୧୦ ବର୍ଷ ବୟସରେ ୨୦୨୦ରେ ସେ ଏସିଆର ସର୍ବକନିଷ୍ଠ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ସମ୍ମାନ ପାଇ ଇତିହାସ ରଚିଥିଲେ। ୨୦୧୮ରେ ତ ସିଏ 'ୱାଇଲ୍ଡ ଲାଇଫ ଫଟୋଗ୍ରାଫର୍ ଅଫ୍ ଦ ଇୟର' ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ଉଠାଇଥିବା ପାଇପ ଭିତରେ ଦୁଇ କୁନି ପେଚାର ଫଟୋକୁ ଏଥିରେ ସର୍ବଶ୍ରେଷ୍ଠ ଫଟୋ ଭାବେ ଚୟନ କରାଯାଇଥିଲା। ବ୍ରିଟେନର ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ ଏହି ପ୍ରତିଯୋଗିତା ଆୟୋଜନ କରିଥାଏ। ୬ ବର୍ଷ ବୟସରୁ ତାଙ୍କର ଫଟୋଗ୍ରାଫି ଆରମ୍ଭ ହୋଇଛି। ତାଙ୍କର ଅନେକ ଫଟୋ ଲୋନଲୀ ପ୍ଲାନେଟ ୟୁକେ, ଲୋନଲୀ ପ୍ଲାନେଟ୍ ଜର୍ମାନୀ, ଲୋନଲୀ ପ୍ଲାନେଟ୍ ଇଣ୍ଡିଆ, ବିବିସି ୱାଇଲ୍ଡ ଲାଇଫ୍ ୟୁକେରେ ସ୍ଥାନ ପାଇଛି। ୨୦୨୦ରେ ଗ୍ଲୋବାଲ ଚାଇଲ୍ଡ ପ୍ରୋଡିଜି ଆୱାର୍ଡ ବି ସେ ପାଇଛନ୍ତି।

**ଲିସିପ୍ରିୟା କଙ୍ଗୁଜମ୍:** ୨୦୧୧, ମଣିପୁରରେ ଜନ୍ମିତ ଲିସିପ୍ରିୟା ଜଣେ କ୍ଲାଇମେଟ ଆକ୍ଟିଭିଷ୍ଟ। ୨୦୧୯ର ୟୁନାଇଟେଡ ନେଶନ୍‌ସର କନ୍‌ଭେନ୍ସନ ଅନ କ୍ଲାଇମେଟ୍ ଚେଞ୍ଜରେ ସେ ଥିଲେ ସର୍ବକନିଷ୍ଠ ବକ୍ତା। ସେତେବେଳେ ତାଙ୍କୁ ମାତ୍ର ୮ ବର୍ଷ ବୟସ ହୋଇଥିଲା। ଅନେକେ ତାଙ୍କୁ 'ଭାରତର ଗ୍ରେଟା ଥନବର୍ଗ' ବୋଲି ମଧ୍ୟ କହନ୍ତି। ୨୦୧୮ରୁ ସେ ପରିବେଶ ପରିବର୍ତ୍ତନ ଉପରେ କ୍ୟାମ୍ପେନ କରିଆସୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରି କ୍ଲାଇମେଟ ଚେଞ୍ଜ ଆଇନ ପାସ୍ କରିବାକୁ ସେ ଭାରତର ପାର୍ଲାମେଣ୍ଟ ହାଉସ୍ ପାଖରେ ୧ ସପ୍ତାହ ମଧ୍ୟ ବିତାଇଥିଲେ। ୨୦୧୯, ୩୧ ଅଗଷ୍ଟରେ ତାଙ୍କୁ 'ୱାର୍ଲଡ ଚିଲ୍ଡ୍ରେନ୍ ପିସ୍' ପ୍ରାଇଜ୍ ପ୍ରଦାନ କରାଯାଇଥିଲା।

**ଲିଦିଆନ ନଧସ୍ୱରମ୍:** ୨୦୦୫ରେ ଜନ୍ମିତ ଲିଦିଆନ୍ ଜଣେ କୁନି ପିଆନୋ ବାଦକ। ୨୦୧୯ରେ ଯେତେବେଳେ ସେ ୧୩ ବର୍ଷ ବୟସର ହୋଇଥିଲେ 'ସିବିଏସ୍ ଟ୍ୟାଲେଣ୍ଟ ଶୋ' ଜିତିଥିଲେ। ଆଉ ପାଇଥିଲେ ୧ ମିଲିୟନ ଡଲାର ପୁରସ୍କାର ରାଶି। ଏହି ପ୍ରତିଯୋଗିତାରେ ସେ ଜଜ୍‌ମାନଙ୍କୁ ପ୍ରଥମେ ୧ ମିନିଟ୍‌ରେ ୨୮୦ ବିଟ୍ ବଜାଇ ଓ ପରେ ସ୍ପିଡ ବଢ଼ାଇ ୧ ମିନିଟ୍‌ରେ ୩୨୫ ବିଟ୍ ବଜାଇ ଚକିତ କରିଦେଇଥିଲେ। ୮ବର୍ଷ ବୟସରୁ ସେ ପିଆନୋ ବଜାଉଛନ୍ତି। ତାଙ୍କ ବାପା ବର୍ଷନ ସତିଶ ତାମିଲ ମ୍ୟୁଜିକ ଡାଇରେକ୍ଟର ଅଟନ୍ତି। ଲିଦିଆନ୍ ୪ ବର୍ଷ ଏ.ଆର ରେହମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା କେଏମ୍ ମ୍ୟୁଜିକ୍ କଞ୍ଜରଭେଟୋରିରେ ପିଆନୋ ଶିକ୍ଷା ଗ୍ରହଣ କରିଛନ୍ତି।

**ରମେଶ ପ୍ରଗ୍ନାନନ୍ଧା:** ଚେନ୍ନାଇର ରମେଶ ହେଉଛନ୍ତି ଜଣେ ଚେସ୍‌ର ବିସ୍ମୟକର ପ୍ରତିଭା। ୨୦୧୬, ୧୦ ବର୍ଷ ବୟସରେ ସେ ସର୍ବକନିଷ୍ଠ ଇଣ୍ଟରନ୍ୟାଶନାଲ ମାଷ୍ଟରର ମାନ୍ୟତା ପାଇଥିଲେ। ୨୦୧୮ରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିବା ୪ର୍ଥ ସର୍ବକନିଷ୍ଠ ବାଳକ ହୋଇଥିଲେ। ଏହା ପୂର୍ବରୁ ସର୍ଜି କାର୍ଜାକିନ୍, ଗୁକେଶ ଡି, ଜାଭୋଖିର ସିନ୍ଦାରୋଭ ଏହି ଟାଇଟଲ ହାସଲ କରିଥିଲେ। ୨୦୧୯ରେ ସେ ୱାର୍ଲଡ ୟୁଥ୍ ଚାମ୍ପିୟନଶିପ୍, ଅଣ୍ଡର ୧୮ ବିଭାଗରେ ବିଜୟ ଲାଭ କରି ଇତିହାସ ରଚିଥିଲେ।


ଅର୍ଶଦୀପ


ଲିସିପ୍ରିୟା


ଲିଦିଆନ


ଅଦ୍ୱୈତ



# ଅନେକରେ ଏକ ମଞ୍ଜୁବାଳା

**ଜଣେ ସୁ-ଚିକିତ୍ସିକା ଭାବରେ ଯେମିତି ସେ ସମସ୍ତଙ୍କର ଆଦରଣୀୟା, ଜଣେ ପ୍ରତିଷ୍ଠିତ ଲେଖିକା ଭାବରେ ସେମିତି ସମସ୍ତଙ୍କର ପ୍ରିୟ। ହେଲେ ଏବେ ବି ସେ ଝୁରି ହୁଅନ୍ତି ତାଙ୍କ ପ୍ରଥମ ପ୍ରେମ ଅଭିନୟକୁ। ଇଏ ହେଲେ ଡା. ମଞ୍ଜୁବାଳା ପଣ୍ଡା ; ଯାହାଙ୍କ ଭିତରେ ଏକାଧାରରେ ରହିଛି ସେବା ମନବୃତ୍ତି ଓ ଦରଦୀ ହୃଦୟ ସହ ଖିଆଲି ମନଟିଏ...**




ସେ ଜୀବନ ଜିଇବାରେ ବିଶ୍ୱାସ ରଖନ୍ତି। ତାଙ୍କ ପାଇଁ ଜୀବନ କେବଳ ଗୋଟେ ଯାତ୍ରା। କ'ଣ ହରାଇଛନ୍ତି ବା କ'ଣ ପାଇଛନ୍ତି ଏ ହିସାବ ସେ କେବେ ରଖି ନାହାନ୍ତି। ଜୀବନ ତାଙ୍କୁ ଯେଉଁଭଳି ଭାବରେ ବାଟ କଢ଼େଇଛି ସେମିତି ସେ ଜିଇଁ ଚାଲିଛନ୍ତି। ଜଣେ ସୁ-ଚିକିତ୍ସିକା ଭାବରେ ଯେମିତି ସେ ସମସ୍ତଙ୍କର ଆଦରଣୀୟା, ଜଣେ ପ୍ରତିଷ୍ଠିତ ଲେଖିକା ଭାବରେ ସେମିତି ସମସ୍ତଙ୍କର ପ୍ରିୟ। ହେଲେ ଏବେ ବି ସେ ଝୁରି ହୁଅନ୍ତି ତାଙ୍କ ପ୍ରଥମ ପ୍ରେମ ଅଭିନୟକୁ। ଇଏ ହେଲେ ଡା. ମଞ୍ଜୁବାଳା ପଣ୍ଡା ; ଯାହାଙ୍କ ଭିତରେ ଏକାଧାରରେ ରହିଛି ସେବା ମନୋବୃତ୍ତି ଓ ଦରଦୀ ହୃଦୟ ସହ ଖିଆଲି ମନଟିଏ।

ନିଜର ଅଧିକାଂଶ କର୍ମକ୍ଷେତ୍ରରେ ଲୋକଙ୍କ ଝିଅ, ଭଉଣୀ ଓ ମା'ର ପରିଚୟରେ ପରିଚିତ ମଞ୍ଜୁବାଳାଙ୍କ ଜନ୍ମ ଆନ୍ଧ୍ରପ୍ରଦେଶର ବିଚ୍ଛିନ୍ନାଞ୍ଚଳ ମଞ୍ଜୁଷାରେ। ବାପା ସ୍ୱର୍ଗତ ପଞ୍ଚାନନ ପଣ୍ଡା ଥିଲେ ହାଇସ୍କୁଲ୍‌ରେ ସଂସ୍କୃତ ପଣ୍ଡିତ ଓ ମା' ସ୍ୱର୍ଗତା ସାବିତ୍ରୀ ଦେବୀ ଥିଲେ ଗୃହିଣୀ। ଆଉ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଥିଲା ପଞ୍ଚମ ଶ୍ରେଣୀ। ହେଲେ ସେ ଥିଲେ ପ୍ରକୃତରେ ଖୁବ୍ ଜ୍ଞାନୀ। କାରଣ ମଞ୍ଜୁବାଳା କୁହନ୍ତି, ଆଜି ସେ ଯାହା କିଛି ସଂସ୍କାର ଓ ସଫଳତା ପାଇଛନ୍ତି ତା'ର ଶ୍ରେୟ ସେ ତାଙ୍କ ମା'ଙ୍କୁ ହିଁ ଦେବେ। ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ବଢ଼ିଥିବା ମଞ୍ଜୁବାଳାଙ୍କର ତିନି ଭାଇ ଓ ତିନି ଭଉଣୀ। ବଡ଼ ଭାଇ ଖୁବ୍ କମ୍ ବୟସରୁ ରାଉରକେଲାରେ ଚାକିରି କରୁଥିଲେ। ସେଠାରେ ପି ପି ପର୍ଯ୍ୟନ୍ତ ପଢି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ପଢ଼ିବା ପରେ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରନ୍ତି। ପ୍ରଥମେ ବଲାଙ୍ଗୀର ତା'ପରେ ବରଗଡ଼ ଓ ତା'ପରେ ପୁଣି ବଲାଙ୍ଗୀରରେ ଏପିଡେମିଲୋଜିଷ୍ଟ ଭାବରେ କାମ କରି ୨୦୧୩ରେ ଏ.ଡି.ଏମ୍.ଓ. ଭାବରେ ଅବସର ନିଅନ୍ତି। ତା'ପରେ ପୁଣି ଚୁକ୍ତି ଭିତ୍ତିରେ ଆଉ ଥରେ ଜଏନ୍ କରନ୍ତି। ଏହି ସମୟରେ ସେ କରୋନା ଦାୟିତ୍ୱରେ ରୁହନ୍ତି ଓ କରୋନା ଯୁଦ୍ଧ ଲଢୁଲଢୁ ନିଜେ କରୋନା ସଂକ୍ରମଣର ଶିକାର ହୁଅନ୍ତି। ଗୁରୁତର ହୋଇ ବି ଶେଷରେ କରୋନାକୁ ହରାନ୍ତି। ତେବେ ଶାରୀରିକ ଦୁର୍ବଳତା କାରଣରୁ ୨୦୨୦ ଅକ୍ଟୋବରରେ ସେ ଅବସର ନିଅନ୍ତି। ତେବେ ଡାକ୍ତରୀ ପେସାରେ ରହି ରୋଗୀ ସେବାରେ ଆତ୍ମତୃପ୍ତି ପାଉଥିବା ମଞ୍ଜୁବାଳାଙ୍କର କିନ୍ତୁ ଆରମ୍ଭରୁ ଡାକ୍ତର ହେବାରେ ଆଦୌ ଆଗ୍ରହ ନ ଥିଲା। ଶିକ୍ଷକତା ଓ ସାହିତ୍ୟ ପ୍ରତି ଥିଲା ତାଙ୍କର ଖୁବ୍ ଦୁର୍ବଳତା। ସେ ଯେତେବେଳେ ପଞ୍ଚମ ଶ୍ରେଣୀରେ ପଢୁଥିଲେ ତାଙ୍କଠାରୁ ସାନ ସାନ ପିଲାଙ୍କୁ ଡାକି ପାଠ ପଢ଼ାଉଥିଲେ। ତାଙ୍କ ଭିତରେ ଏହି ଧାରଣା ସବୁବେଳେ ରହି ଆସିଥିଲା, ଗୋଟେ ଦେଶ ପାଇଁ ଗୋଟେ ଜାତି ପାଇଁ ଶିକ୍ଷା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେ ଯାହା କିଛି ପଢ଼ିଛନ୍ତି ଯାହା କିଛି ଶିଖିଛନ୍ତି ତାକୁ ସେ ଅନ୍ୟମାନଙ୍କୁ ଶିକ୍ଷାଦେବେ। ହେଲେ ବିଧିରବିଧାନ ଥିଲା ଅଲଗା। ଯେହେତୁ ସେ ଭଲ ପଢୁଥିଲେ ତାଙ୍କୁ ବିଜ୍ଞାନ ପଢ଼ିବାକୁ କୁହାଗଲା। ତା'ପରେ ମେଡିକାଲ୍ ଏଣ୍ଟ୍ରାନ୍ସ ଦେଲେ ଆଉ ଏଥିରେ ସଫଳତା ପାଇବା ପରେ ଡାକ୍ତର ହେବା ହିଁ ସୁନିଶ୍ଚିତ ହୋଇଗଲା। ଅବଶ୍ୟ ଏହି କ୍ଷେତ୍ରକୁ ଆସିବା ପରେ ସେ ଅନୁଭବ କଲେ ପ୍ରକୃତରେ ତାଙ୍କୁ ଭଗବାନ ସୁଯୋଗ ଦେଇଛନ୍ତି ଲୋକଙ୍କ ପାଇଁ କିଛି କରିବା ଲାଗି। ମଞ୍ଜୁବାଳା କୁହନ୍ତି, 'ଡାକ୍ତର ହେଉଛନ୍ତି ଦ୍ୱିତୀୟ ଈଶ୍ୱର, ଏହି କଥାର ମର୍ମ ମୁଁ ଅନୁଭବ କରିଥିଲି







ସ୍ୱାମୀଙ୍କ ସହ ଡା. ମଞ୍ଜୁବାଳା



ଡା. ମଞ୍ଜୁବାଳାଙ୍କ ପରିବାର

ଯେ, ପ୍ରକୃତରେ ଜଣେ ଡାକ୍ତର ଚାହିଁଲେ ଏହି କଥାକୁ ସତ ପ୍ରମାଣିତ କରିପାରିବ। ବଲାଙ୍ଗୀର ନିକଟସ୍ଥ ତୁଷୁରାରେ ଯେତେବେଳେ ଥିଲି ଦିନକୁ ତିନି ଶହ ରୋଗୀ। ମୁଁ ରୋଗୀ ସେବାରେ ବ୍ୟସ୍ତ ଥିବାବେଳେ ସେଠାକାର ଲୋକ ମୋ ପିଲାଙ୍କ ଦାୟିତ୍ୱ ମୋ ଘର ଦାୟିତ୍ୱ ନେଇଯାଆନ୍ତି। ମୋ ପିଲାମାନେ କେମିତି ସେମାନଙ୍କ ପାଖେ ବଡ଼ ହୋଇଗଲେ ମୁଁ ଜାଣିପାରିଲିନି। ମୁଁ ସେଠାକୁ ଯିବାର ଛଅ ମାସ ପରେ ସ୍ୱାମୀ ଡା. ନିର୍ମଳ ଚନ୍ଦ୍ର ନାୟକ ବି ସେଠାକୁ ବଦଳି ହୋଇଗଲେ। ସେ ସର୍ଜରି ବିଭାଗରେ ଥିବାରୁ ତାଙ୍କୁ ବି ସମୟ ନ ଥାଏ। ହେଲେ ସେଠାକାର ଲୋକଙ୍କର ମୁଁ ପୂରା ଝିଅ ହୋଇଯାଇଥାଏ। ଏହାଠାରୁ ସୁନ୍ଦର ଅନୁଭବ ଆଉ କ'ଣ ହୋଇପାରେ।'

ସତରେ ସେ ଏମିତି ଜଣେ ଡାକ୍ତର ଯାହାଙ୍କୁ ଯେକୌଣସି ମୁହୂର୍ତ୍ତରେ ଫୋନ କରିହେବ, ଲୋଡ଼ି ହେବ, ହସନ୍ତ ମୁହଁରେ ସେ ଥାଆନ୍ତି ସଦା ପ୍ରସ୍ତୁତ। ମାଆର ପଣତ ଭଳି ତାଙ୍କ ବିଶ୍ୱାସ ପୋଛି ପକାଏ ରୋଗୀର ମାନସିକ ଚାପକୁ। ଗାଁକୁ ଗାଁ ବୁଲି ଲୋକଙ୍କୁ କୁଶିକ୍ଷା ଓ ଅନ୍ଧବିଶ୍ୱାସର ଅନ୍ଧାରରୁ ବାହାର କରି ଆଲୋକ ଦେଖେଇବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରି ଆସୁଛନ୍ତି। ଯୌଥ ପରିବାରକୁ ଖୁବ୍ ବେଶୀ ଭଲ ପାଉଥିବା ମଞ୍ଜୁବାଳାଙ୍କ ସଂସାରରେ ଏବେ ତିନି ପୁଅ, ଝିଅ ପରି ତିନି ବୋହୂ ଓ ତିନି ନାତିନାତୁଣୀ। ସ୍ୱାମୀଙ୍କ ଅବର୍ତ୍ତମାନରେ ଏବେ ସେ ଚିକିତ୍ସା, ସାହିତ୍ୟ ଏବଂ ଜନସଚେତନତାକୁ ନେଇ ବ୍ୟସ୍ତ। ସ୍କୁଲ ଓ କଲେଜରେ ଆୟୋଜିତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମରେ ଯୋଗଦେବା ସହ ରୋଗୀମାନଙ୍କୁ ଫୋନ ଯୋଗେ ଚିକିତ୍ସାର ମାର୍ଗ ଦେଖାଉଛନ୍ତି। ମାଆଟିଏ ଭଳି ନିଜ ଆଡୁ ଫୋନ କରି ଭଲ ମନ୍ଦ ବୁଝନ୍ତି। ସାଧାରଣତଃ ଡାକ୍ତରଟିଏ ଅପହଞ୍ଚ ହୋଇ ଯାଉଥିଲାବେଳେ ତାଙ୍କୁ ଜାଣିଥିବା, ଚିହ୍ନିଥିବା ସବୁ ସାଧାରଣ ମଣିଷଙ୍କ ପାଇଁ ମଞ୍ଜୁବାଳା କିନ୍ତୁ ରହିଥାନ୍ତି ହାତପାଆନ୍ତାରେ। ଚିକିତ୍ସା କ୍ଷେତ୍ରକୁ ବାଦ୍ ଦେଲେ ମଞ୍ଜୁବାଳାଙ୍କ ମନ କିନ୍ତୁ ରହିଯାଇଥିଲା ସାହିତ୍ୟ ଓ ଅଭିନୟରେ। ଅଭିନୟକୁ ନିଜର ପ୍ରଥମ ପ୍ରେମ ବୋଲି କହୁଥିବା ମଞ୍ଜୁବାଳା କଲେଜ ଜୀବନରେ ଅନେକ ନାଟକରେ ନାୟିକା ଭାବରେ ଅଭିନୟ କରି ସମସ୍ତଙ୍କ ମନ କିଣିଛନ୍ତି। ଏପରି କି ଚଳଚ୍ଚିତ୍ରର ନାୟିକା ପାଇଁ ସୁଯୋଗ ବି ଆସିଛି। ହେଲେ ସେ ଗ୍ରହଣ କରିପାରି ନାହାନ୍ତି ; ଯେଉଁଥିପାଇଁ ଏବେ ବି ମନରେ କେଉଁଠି ନା କେଉଁଠି ଅବସୋସ ରହିଯାଇଛି। ତାଙ୍କର ଅନେକ ଗୀତ କବିତା ଇରା ମହାନ୍ତି, ଶୈଳଭାମା, ମମତା, ବୁବୁ ଉଦ୍ଗାତା, ବବ୍ଲୁ ଜୈନ ଆଦିଙ୍କ କଣ୍ଠରେ ଶ୍ରୋତାଙ୍କ ମନ ଜିଣିଛି। ଆଉ ସାହିତ୍ୟ କଥା କହିଲେ ଖୁବ୍ ଛୋଟବେଳୁ ଯେମିତି ଗପ, ଉପନ୍ୟାସ ପଢ଼ିବାର ଝୁଙ୍କ୍ ଥିଲା ସେମିତି ଥିଲା କବିତା ଲେଖିବାର। କିନ୍ତୁ ପାଠପଢ଼ାର ଚାପ ଭିତରେ ସେ ଲେଖାଲେଖି ପ୍ରତି ସେତେବେଳେ ବେଶି ସମୟ ଦେଇପାରି ନ ଥିଲେ। ବାହାଘର ପରେ ବି ପାରିବାରିକ ଜଞ୍ଜାଳ ତାଙ୍କୁ ଲେଖାଲେଖିଠାରୁ ଦୂରେଇ ଦେଇଥିଲା। ଚାକିରି ସମୟରେ ଜନସ୍ୱାସ୍ଥ୍ୟ ବିଭାଗରେ ପି.ଜି. କଲାବେଳେ ସେ ବହୁତଥର ବିଦେଶ ଯାଆନ୍ତି। ସେଠାରୁ ଫେରିବା ପରେ ସେଠାକାର ଅନୁଭୂତି ଓ ଚିକିତ୍ସା ସମୟର ବିଭିନ୍ନ ଅନୁଭୂତିକୁ ପିଲାମାନଙ୍କୁ କୁହନ୍ତି। ଦିନେ ତାଙ୍କ ସାନ ପୁଅ କହିଲେ, ଯାହା ତମେ ଆମକୁ କହୁଛ ଏସବୁକୁ ଲେଖ। ଅନ୍ୟମାନଙ୍କ ପାଇଁ ଏହା ନିହାତି ଜାଣିବା ଦରକାର। ଆଉ ଏହିଠାରୁ ପୁଣି ଆରମ୍ଭ ହେଲା ତାଙ୍କର ଲେଖାଲେଖିର ଧାରା। ପ୍ରକାଶ ପାଇଲା ପ୍ରଥମ ଗଳ୍ପ ସଂକଳନ 'ସାଉଁଟା କଥା', ଯାହାର ପାଠକୀୟ ସ୍ୱୀକୃତି ବେଶ୍ ଆଚମ୍ବିତ କରିଦେବା ଭଳି ଥିଲା। ତା'ପରଠାରୁ ଲେଖିବାର ଧାରା ଜାରି ରହିଲା। ଜଣେ କବି କଥାକାର ହିସାବରେ ଓଡ଼ିଶା ସାହିତ୍ୟକୁ ସେ ଭେଟି ଦେଲେ ଅନ୍ତଃସ୍ୱର, ବିଶ୍ୱରୂପା, ମଧୁମଗ୍ନା, ସାଉଁଟା କଥା, ମୁଗ୍ଧମନ୍ତ୍ର, ଗୀତ ଗଜରା, ପାରନାନୀ ଓ ଅନ୍ୟାନ୍ୟ ଗଳ୍ପ ଆଦି ଅନେକ କବିତା ଓ ଗଳ୍ପ ସଂକଳନ। ତାଙ୍କ ଲେଖାରେ ସକାରାତ୍ମକ ଚିନ୍ତନ, ଆତ୍ମବିଶ୍ୱାସ, ଉଚ୍ଚାଙ୍ଗ ମୂଲ୍ୟବୋଧ, ପ୍ରେମ, ଦୁଃସ୍ଥିତି ସହ ଲଢ଼େଇ ଓ ସାଲିସ ଫୁଟି ଦିଶେ। ଲୋକପ୍ରିୟ କଥାକାର ହିସାବରେ ମଞ୍ଜୁବାଳାଙ୍କର ପରିଚୟ ମଧ୍ୟ ସ୍ୱତନ୍ତ୍ର। ତାଙ୍କର ନିଆରା ସାହିତ୍ୟ ସୃଷ୍ଟି ପାଇଁ ସେ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ।

-ରୋଜାଲିନ୍ ମହାନ୍ତି



# ଅଭିଳାଷ

**–ଜୟନ୍ତୀ ମିଶ୍ର**

**ଅ**ଦୃଶ୍ୟରେ ଲୁଚି ଗଲେବି
ଏମିତି ଅନୁଭବ ହେଉଥାଉ
ତୁମ ଉପସ୍ଥିତି।

ପବନ ଛାଟୁଥାଉ କାଦୁଅମାଟି
ମୋ ରାସ୍ତାକୁ, ମୁହଁକୁ ।
ଶବ୍ଦ ଶାଣିତ,କଠୋର ହେଉ ତରବାରୀଠୁ
ନିଆଁଧାସରେ ଜଳିଯାଉ
ସବୁଜ ସ୍ୱପ୍ନ
ମୁଁ ହସୁଥିବି ବିଜୟିନୀପରି
ପରିତୃପ୍ତିର ହସ।

ତୁମେ ଅଛ ନା ଅଦୃଶ୍ୟରେ !
ହାତବଢାଇ ମାଗି ଆଣୁଥିବି
ସାମର୍ଥ୍ୟ, ନିରାପତ୍ତା,
ଅତି ଆବଶ୍ୟକୀୟ ସୁଖ,
ନିରନ୍ତର ।

କେତେ ବିଶ୍ୱାସରେ ଫୁଟୁଛି ଏବେ
ଲକ୍ଷେ ପଦ୍ମ ,
ଆସ କେବେ ଉପହାର ଦେବି
ଅପେକ୍ଷିଛି ସେଇ ମହାର୍ଘ୍ୟ ମୂହୁର୍ତ୍ତ ।

*–କ୍ରିଷ୍ଣାନଗର, ପଣ୍ଡିଚେରୀ*
*ମୋ: ୯୦୪୨୦୮୭୪୫୬*



# ବୈରି ଭିତରୁ

**–ଗଜାନନ ମିଶ୍ର**

**ଚା**ରିକାତ୍ ମେଲି
ଉବକି ଆଉଛି ବୈରି
ବାରମ୍ବାର ଭିତରୁ।
ମୋ ଛଡା
ଅଛି କୋଉଠି କିଏ
ଆଉ ଦୋଷୀ ?

ସିରେଲଫୁଲ ଯୁଆଡେ ଦେଖ,
ପଡୁ ନି ଜଣା ଏଇଠି କେବେ
ବୁଣା ହୋଇଥିଲା ରାହେଡି!
ଏଡେ ସୁନ୍ଦର ଏ ଅମରୀ!
ଆସ୍ତେ ଆସ୍ତେ ଧୂସର ହେଉଛି
ଆମର ଏ ପୃଥିବୀ।

ନାଇଁ ନାଇଁ, କିଛି କହନି,
ଦଶହରା ଆଉଛି ଯେମିତି
ଯାଉ ସେମିତି, ରୋକନି।
କିଏ କ'ଣ କରିଥିଲା କେବେ
ପଚାରି ଲାଭ ନାଇଁ କାହାରି,
ପଳାଉ ପାଟନାରାଣୀ!

ନିଜ ଦାଉରୁ
ସମ୍ଭାଳି ରଖ ନିଜକୁ।
ପୋଡାଇଟା ଉପରେ
ପଡିଛି ନଜର ଯେବେ
କେମିତି ଯିବ ଉବୁରି ?

*–ତପୋବନ, ଟିଟିଲାଗଡ,*
*ବଲାଙ୍ଗୀର ଜିଲ୍ଲା*
*ମୋ: ୮୨୪୯୦୮୫୫୦୯*

ଅଣୁଗଳ୍ପ

# ପୁନରାବୃତ୍ତି

**– ବିମଳା ଶଙ୍କର ଦାଶ**

**ଜ**ଣେ ପ୍ରେମିକ ତା' ପ୍ରେମିକାକୁ ବାଧ କରି କହୁଥାଏ– ମୋ ପରି ବେକାର ଯୁବକ ହାତରେ ତୁମକୁ ଟେକି ଦେବାକୁ ତୁମ ବାପା କେବେ ବି ରାଜି ହେବେନି । ଚାଲ ! ଆମେ ଦୁହେଁ ଘରଛାଡି ପଳେଇବା । କେଉଁ ମନ୍ଦିରରେ ବାହା ହୋଇ ନୂଆ ଜୀବନ ଗଢିବା ।

ପ୍ରେମିକା କହିଲା– ତୁମକୁ ମୁଁ ଖୁବ୍ ଭଲ ପାଏ ସତ । ହେଲେ ବାପା ବି ମୋତେ ଖୁବ୍ ଭଲ ପାଆନ୍ତି । ତାଙ୍କୁ ଅବମାନନା କରି ଘର ଛାଡି ପଳେଇଲେ ଆମେ କେବେ ବି ଖୁସିରେ ରହି ପାରିବାନି । ବାପାଙ୍କୁ କେମିତି ରାଜି କରେଇବ ସେ ଦାୟିତ୍ୱ ତୁମର ।

ପ୍ରେମିକ ଜଣକ ଏ କଥାରେ ହତୋତ୍ସାହ ନ ହୋଇ ନିଜକୁ ଯୋଗ୍ୟ ବନେଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କଲା । ଫଳତଃ ଭଲ ଚାକିରୀ ଖଣ୍ଡିଏ ତାଙ୍କୁ ମିଳି ଯାଇଥିଲା ଓ ସର୍ବସମ୍ମତି କ୍ରମେ ପ୍ରେମିକାଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହେବାକୁ ସମର୍ଥ ହେଲେ ।

ବିବାହ ପରେ ଦିନେ ପ୍ରେମିକାପତ୍ନୀ ଅତି ଗେଲ ବସର ହୋଇ ତାଙ୍କୁ କହିଲେ– ଏ ଘରେ, ଏ ଭିଡ଼ ଭିତରେ ମୁଁ ଅଣନିଃଶ୍ୱାସୀ ହୋଇ ପଡୁଛି । ତୁମେ ଯଦି ସତରେ ମୋତେ ଭଲ ପାଅ ଚାଲ ନା ! ଏ ଘର ଛାଡି ଆମେ ଅଲଗା ରହିବା ।

– ମୁଁ ତୁମକୁ ଖୁବ୍ ଭଲ ପାଏ ନିଃସନ୍ଦେହ । କିନ୍ତୁ ବାପା ବୋଉବି ମୋତେ ଖୁବ୍ ଭଲ ପାଆନ୍ତି । ସେମାନଙ୍କୁ ଅବଜ୍ଞା କରି ଅନ୍ୟତ୍ର ଘର କରି ରହିଲେ ଆମେ କେବେ ଖୁସିରେ ରହି ପାରିବାନି । ଘର ଛାଡିବା କଥାରେ ସେମାନେ କେବେ ବି ରାଜି ହେବେନି । କେମିତି ରାଜି କରେଇ ପାରିବ ସେ ଦାୟିତ୍ୱ ତୁମର ।

– ପୂର୍ବରୁ ପ୍ରେମିକାଙ୍କଠୁ ଶିକ୍ଷା ପାଇଥିବା ସମାନ କଥା ସ୍ୱାମୀ ଜଣଙ୍କ ପୁନରାବୃତ୍ତି କରି କହିଲେ !!

*–ଗୋଡିଆବନ୍ଧ (ପଦ୍ମପୁର),*
*ଜିଲ୍ଲା–ରାୟଗଡା*
*ମୋ: ୭୯୭୮୧୭୧୪୩୭*

# ସ୍ୱପ୍ନ ଗଛ

**–ମୀନାକ୍ଷି ପାଢ଼ୀ**

**ନି**ଅ ପୋତିଦିଅ ନା, ବୀଜ ଟିଏ...
ସେ ଓଦା ଓଦା ନିଦୁଳିଆ ମାଟିରେ,
ଟୋପାଏ ଆଲୋକ ଦିଅ ହସର,
ଆଉ ଉତ୍ତାପ ହୃଦୟର....
ଦୁଇ ପତ୍ର ମେଲିଦେବ ଯେ !

ଦିଅ,ଦେଇଦିଅ ପାଣି ମୁନ୍ଦାଏ...
ସେ ସ୍ୱପ୍ନର ଚାରା ଗଛକୁ,
ଆଖି ତଳେ ଗଡ଼ିଯିବା ଆଗରୁ...
ବଞ୍ଚିଥାଉ, ବଞ୍ଚିବାକୁ ଦେଉ,
ସ୍ୱପ୍ନ ହିଁ ବଞ୍ଚିବାର ସାହାରା !!

ଆଖି, ଭରିଦିଅ ନିଦ ମହଣେ...
ତା'ପରେ ଦେଖିବ,
କିପରି ଓହ୍ଲାଉଛି ସ୍ୱପ୍ନ ଗଛ
ଧୀରେ ଧୀରେ ନିବୁଜ ନିଶାରେ,
ଜଡ଼ାଇ ତା 'ଲହୁଣୀ ଛାତିରେ !!

*–ଶିକ୍ଷୟିତ୍ରୀ, ଚିକିଟୀ,ଗଞ୍ଜାମ*
*ମୋ:୯୭୭୬୫୪୫୦୦୧*



# କଙ୍ଗନାଙ୍କ କାହାଣୀ ମିଶନ

କଙ୍ଗନା ରାଣାୱତ ଏବେ ଏକ ନୂଆ ମିଶନ ଆରମ୍ଭ କରିଛନ୍ତି। ତାହା କ'ଣ ପାଇଁ ଜାଣନ୍ତି ? ନାରୀ ଜୀବନର ସଂଘର୍ଷମୟ କାହାଣୀ ଖୋଜିବାରେ ବର୍ତ୍ତମାନ ବ୍ୟସ୍ତ ଅଛନ୍ତି ସେ। ଗୋଟିଏ ପଟେ ନୂଆ ସିନେମା 'ତେଜସ୍'ର ଶୁଟିଂ ଚାଲିଛି। ଆଉ ଏଥିରୁ ବ୍ରେକ୍ ମିଳିଲେ ସେ ନିଜ ମିଶନରେ ବ୍ୟସ୍ତ ରହୁଛନ୍ତି। ଏ ନେଇ କଙ୍ଗନା କହନ୍ତି, 'ଜଣେ ନାରୀର ସଂଘର୍ଷମୟ ଜୀବନକୁ ନେଇ ଆଧାରିତ କାହାଣୀ ଖୋଜୁଛି। କାରଣ ନାରୀଭିତ୍ତିକ ସିନେମାରେ ଅଭିନୟ କରିବାର ମଜା ନିଆରା। ଅବଶ୍ୟ ୟା ଭିତରେ ମୁଁ ସେପରି କେତୋଟି ସିନେମାରେ ଆକ୍ଟିଂ କରିସାରିଛି। କେବଳ ସେତିକି ନୁହେଁ, ସେହି ଫିଲ୍ମଗୁଡିକୁ ଦର୍ଶକ ପ୍ରଶଂସା କରିଛନ୍ତି। ଆଉ ବର୍ତ୍ତମାନ ସେପରି କାହାଣୀ ସନ୍ଧାନରେ ମୁଁ ରହିଛି। ଯଦି ଏପରି କିଛି ବାୟୋପିକ୍ ମିଳେ ତାହା ଆହୁରି ଭଲ। ମୋ ମତରେ ଏଭଳି ସିନେମାରୁ କେବଳ ଦର୍ଶକ ନୁହଁନ୍ତି ସମାଜ କିଛି ଶିଖିପାରିବ।' ନିକଟରେ ଶୁଟିଂ ଆରମ୍ଭ ହୋଇଥିବା 'ତେଜସ୍'ରେ କଙ୍ଗନା ଜଣେ ଏୟାରଫୋର୍ସ ଅଫିସର ଭୂମିକାରେ ଅଭିନୟ କରୁଛନ୍ତି। ଯେତେବେଳେ ସେ ଏପରି ପୋଷାକରେ କ୍ୟାମେରା ସାମନାକୁ ଆସିଲେ ତାଙ୍କ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଗଡିପଡିଥିଲା।


କଙ୍ଗନା


ଭିକି

# ପ୍ରଥମେ ଇରଫାନ୍ ପରେ ଭିକି

ଅଭିନୟରେ ପରଲୋକଗତ ଇରଫାନ୍ ଖାଁ କେତେ ଦକ୍ଷ ତାହା କହିବା ବାହୁଲ୍ୟ। ସେ ଅଭିନୟ କରିଥିବା ପ୍ରତିଟି ଫିଲ୍ମରେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ସୁରଜିତ ସିରକାର୍‌ଙ୍କର 'ସର୍ଦ୍ଦାର ଉଦ୍ଧମ୍'ର ଟାଇଟଲ ଭୂମିକାରେ ସେ ଅଭିନୟ କରିଥାଆନ୍ତେ। ଏହି ଭୂମିକା ପାଇଁ ଇରଫାନଙ୍କ କଥା ସୁରଜିତଙ୍କ ମନକୁ ଆସିସାରିଥିଲା। କିନ୍ତୁ ସେ ଦୀର୍ଘ ଦିନ ଧରି ଅସୁସ୍ଥ ରହିବା ଏବଂ ଶେଷରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ଫଳରେ ଏ ନେଇ ପୁଣି ଥରେ ତାଙ୍କୁ ଚିନ୍ତା କରିବାକୁ ପଡିଥିଲା। ଶେଷରେ ଭିକି କୌଶଲଙ୍କୁ ଯୋଗାଯୋଗ କରିବାକୁ ସ୍ଥିର କରିଥିଲେ। ବାସ୍, ଏପରି ଅଫର ପାଇବା ପରେ ଚିନ୍ତା ନ କରି ହଁ ଭରିଥିଲେ ଭିକି। ଏ ସମ୍ପର୍କରେ ଭିକି କହନ୍ତି, 'ଏହି ଫିଲ୍ମ ପାଇଁ ପୂର୍ବରୁ ଇରଫାନଙ୍କ ପରି ଅଭିନେତାଙ୍କୁ ନେବାକୁ ଚିନ୍ତା କରାଯାଇଥିଲା, ହେଲେ ସେ ପରଲୋକଗମନ ପରେ ଅଫରଟି ମୋତେ ମିଳିଛି। ତେଣୁ ଏ ନେଇ କିଛି ଚିନ୍ତା ନ କରି ହଁ ଭରିଥିଲି। ଇରଫାନ ସାହେବ ହେଉଛନ୍ତି ମୋ ରୋଲ୍ ମଡେଲ୍। ଏହି ଫିଲ୍ମରେ ମୋ ରୋଲ୍‌କୁ ସଫଳ କରବାକୁ ଚେଷ୍ଟା କରିବି। ତାହା ହିଁ ହେବ ତାଙ୍କ ପ୍ରତି ମୋର ଶ୍ରଦ୍ଧାଞ୍ଜଳି।'

# ଧରମା ରେ

ଆମ ରାଜ୍ୟର ଐତିହାସିକ କିର୍ତ୍ତିରାଜି ମଧ୍ୟରେ କୋଣାର୍କ ଅନ୍ୟତମ। ଏହାର ନିର୍ମାଣ ସମୟର ଘଟଣାବଳୀ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ସେପରି କଥାବସ୍ତୁକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଧରମା ରେ'। ଏହାର ମହୁରତ ନିକଟରେ ଅନୁଷ୍ଠିତ ହେବା ସହ ଶୁଟିଂ ମଧ୍ୟ ଆରମ୍ଭ ହୋଇଯାଇଛି। ବାସୁଦେବ କ୍ରିଏସନ୍ସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରୁଛନ୍ତି ପ୍ରଦୀପ ଖୁଣ୍ଟିଆ। ଖାସ୍ କଥା ହେଲା, ଏଥିରେ ବିଶୁ ମହାରଣା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ସମ୍ବିତ ଆଚାର୍ଯ୍ୟ। ଆଉ ପ୍ରଥମ ଥର ପାଇଁ ଏପରି ଏକ ଚରିତ୍ରଟିଏ ପାଇ ତାଙ୍କର ଖୁସି କହିଲେ ନ ସରେ। ରୋଜାଲିନ୍ ତ୍ରିପାଠୀଙ୍କ ସହ-ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ଦେବୀ ପ୍ରସାଦ ତ୍ରିପାଠୀ। ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅନ୍ୟତମ ଆଗଧାଡ଼ିର ଗୀତିକାର ବସନ୍ତରାଜ ସାମଲ। ଏଥିରେ ସମ୍ବିତଙ୍କ ଅପୋଜିଟ୍‌ରେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରେଶମାଞ୍ଜଳୀ। ଏମାନଙ୍କ ବ୍ୟତୀତ ରାଇମୋହନ, ଦେବୁ ବ୍ରହ୍ମା, ପ୍ରଦୀପ ଖୁଣ୍ଟିଆ, ପୂଜା, ନମିତା, ଥୀନ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ସମ୍ବିତ

# ସାନ୍ୟା ଯାହା ଖୋଜୁଥିଲେ..

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ସାନ୍ୟା ମାଲହୋତ୍ରା ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଆଉ ନିଜ ଆଶା ପୂରଣ ହେବା ପରେ ତାଙ୍କର ଖୁସି ଦେଖେ କିଏ। କଥା କ'ଣ ହ୍ରିତିକ ରୋଶନ ରହୁଥିବା ଆପାର୍ଟମେଣ୍ଟରେ ଏକ ଫ୍ଲାଟ୍ ସନ୍ଧାନରେ ଥିଲେ ସାନ୍ୟା। ଯାହାହେଉ ତାଙ୍କର ଏହି ମନ ପସନ୍ଦର ଫ୍ଲାଟ୍ ତାଙ୍କୁ ନିକଟରେ ମିଳିଯାଇଛି। ଆବଶ୍ୟକ ମୁତାବକ ଟଙ୍କା ଡିପୋଜିଟ୍ ପରେ ସମସ୍ତ କାଗଜପତ୍ର କାମ ମଧ୍ୟ ଶେଷ ହୋଇଛି। ହେଲେ ଏହି ଫ୍ଲାଟ୍‌ର କିଛି ଇଣ୍ଟିରିୟର ଡିଜାଇନ୍‌କୁ ଟିକେ ଚେଞ୍ଜ କରିବାକୁ ଚାହୁଁଛନ୍ତି ସାନ୍ୟା। ତେଣୁ ଗୃହପ୍ରବେଶ ଟିକେ ବିଳମ୍ବ ହେବ ବୋଲି ସେ ସୂଚନା ଦେଇଛନ୍ତି। ପାଖାପାଖି ୧୪ କୋଟି ଟଙ୍କା ବିନିମୟରେ ସେ ଏହି ଫ୍ଲାଟ୍‌କୁ କିଣିଛନ୍ତି।

ଏ ସମ୍ପର୍କରେ ସାନ୍ୟା କହନ୍ତି, 'ମୋର ଆଶା ଥିଲା ହ୍ରିତିକ ରୋଶନ ରହୁଥିବା ଆପାର୍ଟମେଣ୍ଟରେ ମୁଁ ରହିବି। ବମ୍ବେର ଜୁହୁଠାରେ ଥିବା ଏହି ଆପାର୍ଟମେଣ୍ଟରେ ମୋତେ ମୋ ମନଲାଖି ଘରଟି ମିଳିଛି।' ଅଭିମନ୍ୟୁ ଦାସାନୀଙ୍କ ସହ 'ମିନାକ୍ଷୀ ସୁନ୍ଦରେଶ୍ୱର'ରେ ତାଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରାଯାଉଛି। ଏହାବ୍ୟତୀତ ଆସନ୍ତାବର୍ଷ ତାଙ୍କ ହାତରେ ତିନୋଟି ସିନେମା ('ଲଭ୍ ହଷ୍ଟେଲ୍', 'ହିଟ୍' ଏବଂ ଅନଟାଇଟଲଡ୍ ଫିଲ୍ମ) ରହିଛି।


ସାନ୍ୟା


ମୌନି

# ଦୁବାଇ ନ ହେଲେ ଇଟାଲି

ମୌନି ରୟ ଏବେ ସଜବାଜ ହେଉଛନ୍ତି। ପରଦା ଉପରେ ମିଛିମିଛିକା ବୋହୂ ସାଜିଥିବା ଏହି ଅଭିନେତ୍ରୀ ଏବେ ସତସତିକା ଘର ସଂସାର କରିବାକୁ ଯାଉଛନ୍ତି। ଖୁବ୍ ଶୀଘ୍ର ସେ ନିଜ ପ୍ରେମିକ ତଥା ବିଜନେସମ୍ୟାନ ସୁରଜ ନାମ୍ବିୟାରଙ୍କୁ ବିବାହ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଶୁଭଦିନ କେବେ ଆସିବ ତାହା ତ ସେ ଘୋଷଣା କରିନାହାନ୍ତି, ହେଲେ ଏତିକି କହିଛନ୍ତି ଯେ ଆସନ୍ତାବର୍ଷ ଆରମ୍ଭରେ ହାତକୁ ଦି' ହାତ ହେବେ। 'ଆଉ ବିଳମ୍ବ କରି କିଛି ଲାଭ ନାହିଁ। ଖୁବ୍ ଶୀଘ୍ର ମୁଁ ମୋ ପ୍ରେମିକ ସୁରଜଙ୍କୁ ମ୍ୟାରେଜ କରିବାକୁ ଯାଉଛି। କେବଳ ଶୁଭ ଦିନଟିଏ ମିଳିଗଲେ ତାହା ଫାଇନାଲ ହୋଇଯିବ। ଯେତେସମ୍ଭବ ଆସନ୍ତାବର୍ଷ ଆରମ୍ଭରେ ଏହି ଶୁଭ କାମ ଶେଷ ହେବ ବୋଲି ଆଶା ରଖିଛି। ତେଣୁ ମ୍ୟାରେଜ ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେବା ସହ ଶପିଂ ଏବଂ ଅନ୍ୟାନ୍ୟ କାମ ଚାଲୁ ରଖିଛି। ତେବେ ଏହି ମ୍ୟାରେଜ ଦୁବାଇ ନ ହେଲେ ଇଟାଲିରେ ହେବ।'

# ନୂଆ ବର୍ଷକୁ ଅପେକ୍ଷା


ଆଲିୟା

ମହେଶ ତନୟା ଆଲିୟା ଭଟ୍ଟଙ୍କ ଖୁସି କହିଲେ ନ ସରେ। ଯେଉଁ ସ୍ୱପ୍ନ ସେ ଦୀର୍ଘ ଦିନ ଧରି ଦେଖୁଥିଲେ ତାହା ପୂରଣ ହେବାକୁ ଯାଉଛି। ବଲିଉଡ୍‌ରେ ତ ଆକ୍ଟିଂ କ୍ୟାରିୟର ଜାରି ରହିଛି। ହେଲେ ହଲିଉଡ୍‌ରେ ମୁହଁ ଦେଖାଇବାକୁ ତାଙ୍କର ଇଚ୍ଛା ଥିଲା, ଯାହା ପୂରଣ ହୋଇଛି ବୋଲି ସେ କହି ବୁଲୁଛନ୍ତି। ଯେହେତୁ ଏହି ପ୍ରୋଜେକ୍ଟର ପ୍ରାରମ୍ଭିକ କାମ ଚାଲୁ ରହିଛି ତେଣୁ ଏବେ ଏ ନେଇ କିଛି କହିବାକୁ ରାଜି ନୁହନ୍ତି ଆଲିୟା। ତେବେ ଏ ନେଇ ସେ ଅଧିକ ସମୟ ମଧ୍ୟ ନେବେ ନାହିଁ। ନୂଆ ବର୍ଷ ପ୍ରଥମ ସପ୍ତାହରେ ସେ ଏହି ପ୍ରୋଜେକ୍ଟ ବିଷୟରେ ବିଧିବଦ୍ଧ ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି। ଏ ନେଇ ଆଲିୟା କହନ୍ତି, 'ମୋର ଦୀର୍ଘ ଦିନର ଆଶା ପୂରଣ ହୋଇଛି। ଉଇଲିୟମ ମୋରିସ ନାମକ ଏକ ଆମେରିକୀୟ ଟ୍ୟାଲେଣ୍ଟ ଏଜେନ୍ସି ସହ ନିକଟରେ ମୁଁ ଚୁକ୍ତି କରିଛି। ଏହି ଚୁକ୍ତି ଅନୁସାରେ ମୋତେ କେତୋଟି ହଲିଉଡ୍ ଫିଲ୍ମରେ କାମ କରିବାର ସୁଯୋଗ ମିଳିବ। ତେବେ ଆସନ୍ତାବର୍ଷ ପ୍ରଥମ ସପ୍ତାହରେ ମୁଁ ଏ ନେଇ ଫାଇନାଲ ଘୋଷଣା କରିବି।' ସୂଚନାଯୋଗ୍ୟ ଏବେ ଆଲିୟାଙ୍କ ହାତରେ କେତୋଟି ବିଗ୍ ବଜେଟ୍ ଫିଲ୍ମ ରହିଛି। ସଞ୍ଜୟ ଲୀଲା ଭଁସାଲିଙ୍କ 'ଗଙ୍ଗୁବାଈ କାଠିଆୱାଡି' ଆସନ୍ତାବର୍ଷ ଜାନୁୟାରୀ ୬ରେ ରିଲିଜ ହେବ। ଏହାବ୍ୟତୀତ କରନ୍ ଜୋହରଙ୍କ 'ବ୍ରହ୍ମାସ୍ତ୍ର'ର ଶେଷ ପର୍ଯ୍ୟାୟ ଶୁଟିଂ ଚାଲିଛି। ଅନ୍ୟପକ୍ଷରେ 'ଆରଆରଆର', 'ଡାର୍ଲିଂସ୍' ଏବଂ 'ରକି ଔର ରାନୀ କି ପ୍ରେମ କାହାନୀ'ରେ ସେ ଅଭିନୟ କରୁଛନ୍ତି।

ପ୍ରଥମ ରୋଜଗାର

# ଚାଷ କାମରୁ ମିଳିଥିଲା ପ୍ରଥମ ପାରିଶ୍ରମିକ



କବି, ନାଟ୍ୟକାର ତଥା ନାଟ୍ୟ ଅଭିନେତା **ବଂଶୀଧର ପଣ୍ଡା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ**ର ଜନ୍ମ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଆରିକମା ଗାଁରେ। ଘରର ଦୁର୍ବଳ ଆର୍ଥିକାବସ୍ଥା ତଥା ସେ ସମୟରେ ଗାଁ ନିକଟରେ ଉଚ୍ଚ ବିଦ୍ୟାଳୟର ସୁବିଧା ନ ଥିବା ଯୋଗୁ ସପ୍ତମ ଶ୍ରେଣୀ ପରେ ମୋ ପାଠପଢ଼ାରେ ଡୋରୀ ବାନ୍ଧି ହୋଇ ଯାଇଥିଲା। କିଛିଦିନ ପରେ ବାପା ବି ରୋଗାକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେ। ତେଣୁ ଘର ଖର୍ଚ୍ଚ ତଥା ନିଜ ଖର୍ଚ୍ଚ ଉଠାଇବା ପାଇଁ ପଢ଼ା ଛାଡ଼ିବା ପରେ ମୁଁ ବାଧ ହୋଇ ଚାଷ କାମରେ ମନ ନିବେଶ କଲି। ତା'ସହିତ ଗାଁ ଯୁବକଙ୍କ ପ୍ରଚେଷ୍ଟାରେ ଗଢ଼ି ଉଠିଥିବା କୁଷକାଶୁଣୀ ଅପେରା ପାର୍ଟିରେ ବି କ୍ରମେ ଛୋଟ ମୋଟ ଅଭିନୟ କରିବାକୁ ଲାଗିଲି। ଯେହେତୁ ପୂର୍ବରୁ ମୋର ବିଭିନ୍ନ ପର୍ବପର୍ବାଣୀବେଳେ ଗାଁରେ ଅନୁଷ୍ଠିତ ହେଉଥିବା ଡ୍ରାମାରେ ଶିଶୁ କଳାକାର ଭାବେ ଅଭିନୟ କରିବାର ଅନୁଭୂତି ରହିଥିଲା ତେଣୁ ଅପେରା ପାର୍ଟିରେ ଅଭିନୟ କରିବାରେ ମୋର କିଛି ଅସୁବିଧା ହେଲା ନାହିଁ। ବରଂ ମୋର ପରିପକ୍ୱ ଅଭିନୟ ଦେଖି ଦର୍ଶକ ମୋତେ ପ୍ରଶଂସା କରିବାକୁ ଲାଗିଲେ; ଯାହା ମୋତେ ପରବର୍ତ୍ତୀ ସମୟରେ ଉକ୍ତ ଅପେରା ପାର୍ଟିଟି ଭାଙ୍ଗିଯିବା ପରେ ପ୍ରେରଣା ଦେଇଥିଲା ନୃତ୍ୟ ନାଟିକା, ଗୀତିନାଟ୍ୟ ଏବଂ ନାଟକ ଲେଖିବାକୁ। ଯା' ଭିତରେ ମୁଁ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଗୀତିନାଟ୍ୟ ଏବଂ ୨୫ରୁ ଉର୍ଦ୍ଧ୍ୱ ନାଟକ ଲେଖିସାରିଛି, ହେଲେ କିଛି ପ୍ରକାଶିତ ହୋଇନାହିଁ। କିନ୍ତୁ ମୋର ଅଧିକାଂଶ ନାଟକ ମୋରି ନିର୍ଦ୍ଦେଶନାରେ ବିଭିନ୍ନ ସ୍କୁଲ ଓ କଲେଜର ବାର୍ଷିକୋତ୍ସବରେ ପରିବେଷଣ ହୋଇ ଉଚ୍ଚ ପ୍ରଶଂସିତ ହୋଇସାରିଛି। ରଘୁ ଅରକ୍ଷିତ, ଖୁଲଣା ସୁନ୍ଦରୀ, ଶାହାଡ଼ା ସୁନ୍ଦରୀ, ରାଜା ଯିବ ଯୋଗୀ ହୋଇ, ମାନ ଭଞ୍ଜନ ଇତ୍ୟାଦି ହେଉଛି ମୋ ଲିଖିତ କେତୋଟି ପ୍ରମୁଖ ନାଟକ। ଏଥିସହିତ ମୁଁ ଗପ, କବିତା ବି ଲେଖେ। ବିଶେଷକରି ବ୍ୟଙ୍ଗ କବିତା ଲେଖିବାରେ ମୋର ରୁଚି ଥାଏ। 'ବଂଶୀନିସ୍ୱନ' ହେଉଛି ମୋର ଏକ ପ୍ରକାଶିତ କବିତା ସଂକଳନ। ତା'ଛଡ଼ା ରାଜ୍ୟ ସଂସ୍କୃତି ବିଭାଗର ସହାୟତାରେ 'ପୁରୁଣା କଥା ପୁରାଣ କଥା' ନାମରେ ଏକ ଆଧ୍ୟାତ୍ମିକ ପୁସ୍ତକ ବି ମୋର ପ୍ରକାଶିତ ହୋଇସାରିଛି। ଏଥିସହିତ ମୋ ଲିଖିତ ଓ ନିର୍ଦ୍ଦେଶିତ 'ନୀଳମାଧବ' ନାଟକଟି ଦୂରଦର୍ଶନରେ ପ୍ରସାରିତ ହୋଇ ଉଚ୍ଚ ପ୍ରଶଂସିତ ବି ହୋଇଛି; ଯେଉଁଥିରେ ମୁଁ ଅଭିନୟ ମଧ୍ୟ କରିଛି। ସେହିପରି ୨୦୧୦ରୁ ମୁଁ ବଣମଲ୍ଲୀ ସାହିତ୍ୟ ସଂସଦର ସଭାପତି ଦାୟିତ୍ୱ ତୁଲାଇଆସୁଛି। କେବଳ ସେତିକି ନୁହେଁ ଗଛ ଲଗାଇ ପରିବେଶକୁ ସବୁଜ ସୁନ୍ଦର କରିବାର ଏକ ଛୋଟ ପ୍ରୟାସ ଆରମ୍ଭ କରିଥିବାରୁ ମୋତେ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ବି ସରକାରଙ୍କ ତରଫରୁ ମିଳିଛି। ତା'ଛଡ଼ା ମୋ ଗାଁ ଘରେ ନିଜସ୍ୱ ଉଦ୍ୟମରେ ଏକ ପୁସ୍ତକ ସଂଗ୍ରହାଳୟ ବି ମୁଁ ଗଢ଼ିଛି, ଯାହାର ନାଁ ହେଉଛି ମୁଖଶାଳା ପାଠାଗାର। ଆଉ ଯେଉଁଥିରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପୁସ୍ତକ ରହିଛି। ଭାଗ୍ୟର ବିଡ଼ମ୍ବନା ଯୋଗୁ ଉଚ୍ଚ ଶିକ୍ଷା ସିନା କରିପାରିଲିନି ହେଲେ ଭଗବାନଙ୍କ ଆଶୀର୍ବାଦରୁ ନିଜ ଲେଖା ଓ ଅଭିନୟ ମାଧ୍ୟମରେ ପାଠକ ତଥା ଦର୍ଶକଙ୍କ ମନରେ ଘର କରିପାରିଥିବାରୁ ଏବେ ବେଶ୍ ଖୁସି ଅନୁଭବ କରିପାରୁଛି। ଏଥିସହିତ ମୁଁ ହେଉଛି ଜଣେ ଚାଷୀ ପୁଅ। ତେଣୁ ଜୀବନର ପ୍ରଥମ ପାରିଶ୍ରମିକ ଏହି ଚାଷରୁ ହିଁ ମୁଁ ପାଇଛି। ଅବଶ୍ୟ ଅପେରା ପାର୍ଟିରେ ଅଭିନୟ କଲାବେଳେ କେତେବେଳେ କେମିତି କିଛି ପଇସା ହାତକୁ ଆସୁଥିଲା, ହେଲେ ତାହା ଏତେ କମ୍ ଥିଲା ଯେ ସେଥିରେ ସେମିତି କିଛି ଆଖି ଦୃଶିଆ କାମ କରି ହେଉ ନଥିଲା। କେବଳ ଜଳଖିଆ ଟିକେ ଖାଇ ପେଟକୁ ଯାହା ଶାନ୍ତି କରିହେଉଥିଲା। ଏବେ ତ ଭଗବାନଙ୍କ ଆଶୀର୍ବାଦ ମୋ ସାଙ୍ଗରେ ଅଛି, ତେଣୁ ଅଭାବରେ ବି ବେଶ୍ ଶାନ୍ତିରେ ଆଉ ଖୁସିରେ ମୁଁ ଚଳି ଯାଉଛି।

*–ଅନ୍ୱିତା*

# ଇସାରାରେ ମନ କରିଛି ଚୋରି, ଅଭିମାନୀ ପ୍ରିୟା ଭାରି ଚାତୁରୀ...

**ପ୍ରଶ୍ନ–**ସେହି ସୁନ୍ଦରୀର ପ୍ରଥମ ଇସାରାରେ ମୋ ମନ ଚୋରି ହୋଇଯାଇଥିଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ?

*–ତନ୍ମୟ ରାଉତ, ବଲାଙ୍ଗୀର*

**ଉତ୍ତର:** 'ଇସାରାରେ ମନ କରିଛି ଚୋରି, ଅଭିମାନୀ ପ୍ରିୟା ଭାରି ଚାତୁରୀ'। ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ବେଳେବେଳେ ଏହି ଅଭିମାନରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ହେଲେ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରିୟାର ଅଭିମାନ ଭସା ବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ। ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ୍ ନିଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ–**ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ସେତେବେଳେ ଜଣେ ଝିଅ ମୋତେ ଏକତରଫା ପ୍ରେମ କରୁଥିଲା। ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ।

*–ବିବେକ କୁମାର ସାହୁ, ଜଗତସିଂହପୁର*

**ଉତ୍ତର:** ବାହା ହେବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକ୍‌ସେସ୍‌ଫୁଲ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡ଼ିଗଲେ, ତେବେ କଥାଟି 'ବୁଡ଼ିଗଲା ଗୋଡ ତଳକୁ ତଳକୁ'ପରି ହେବ। ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ। ନ ହେଲେ ନେଡ଼ି ଗୁଡ ଯେତେବେଳେ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ–**ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ପୂର୍ଣ୍ଣଚନ୍ଦ୍ର ରାଉତ, ରାଉରକେଲା*

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି–ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ–ଏହି ଆଶା କେବଳ ଆଶା ହୋଇ ରହିଯିବ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ତେଣିକି ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାମ୍ବଟା ହାତରୁ ଖସିଯାଇପାରେ।

**ପ୍ରଶ୍ନ–**ଏବେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ?

*–ଦୀପ୍ତି ରଞ୍ଜନ ରାଉଳ, ଢେଙ୍କାନାଳ*

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ତାକୁ ଭୁଲିବା ଏତେ ସହଜ ନୁହେଁ। ହେଲେ ଉଲ୍ଲେଖ କରିଛନ୍ତି ଯେ, ଏବେ ଆଉ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛନ୍ତି। ଏବେ ଯଦି ନିଜ ପ୍ରଥମ ପ୍ରେମ ବିଷୟରେ ଭାବିବେ ତେବେ ବର୍ତ୍ତମାନର ପ୍ରେମ ସେହି ଅନୁସାରେ ପାଣିଚିଆ ଲାଗିବ। ଯୋ ଗୟା ଉସକୋ ସୋଚ୍‌ନେ ସେ କୋଇ ଫାଇଦା ନେହିଁ। ତେଣୁ ଏବେ କେବଳ ନୂଆ ପ୍ରେମିକା ବିଷୟରେ ଚିନ୍ତା କରନ୍ତୁ।

ସାଥୀ





# ପୋଲ୍‌କା ଡଟ୍ ଫ୍ୟାଶନ



**ସମୟାନୁସାରେ ଫ୍ୟାଶନରେ ମଧ୍ୟ ପରିବର୍ତ୍ତନ ଆସିଥାଏ। କିନ୍ତୁ ପୋଲ୍‌କା ଡଟ୍ ଫ୍ୟାଶନ ହେଉଛି ଏମିତି ଏକ ଟ୍ରେଣ୍ଡ ଯାହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ଏହି ପ୍ରିଣ୍ଟର ଯେ କୌଣସି ଆଉଟ୍‌ଫିଟ୍‌କୁ ପିନ୍ଧିଲେ ଷ୍ଟାଇଲିଶ୍ ଲାଗିବା ସହ ୟୁନିକ୍ ଲୁକ୍ ମିଳିଥାଏ। ତେବେ କେବଳ ଆଉଟ୍‌ଫିଟ୍ ନୁହେଁ, ଏବେ ବିଭିନ୍ନ ଫ୍ୟାଶନ ଆସେସରିଜ୍‌ରେ ମଧ୍ୟ ପୋଲ୍‌କା ଡଟ୍ ପ୍ରିଣ୍ଟର ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି, ଯେମିତିକି...**

***ପୋଲ୍‌କା ଡଟ୍ ବ୍ୟାଗ୍:** ହ୍ୟାଣ୍ଡବ୍ୟାଗ୍ ମହିଳାମାନଙ୍କର ଏକ ଜରୁରୀ ଉପକରଣ ହୋଇଥାଏ। ସେଥିପାଇଁ ଫ୍ୟାଶନ ବଜାରରେ ଏହାର ଅନେକ ଭେରାଇଟି ଦେଖିବାକୁ ମିଳିଥାଏ। କିନ୍ତୁ ଯଦି କେହି ଷ୍ଟେଟ୍‌ମେଣ୍ଟ ପିସ୍ ଭାବେ ହ୍ୟାଣ୍ଡବ୍ୟାଗ୍‌କୁ ବ୍ୟବହାର କରିବାକୁ ଚାହୁଁଥାନ୍ତି, ତା'ହେଲେ ସେମାନଙ୍କ ପାଇଁ ପୋଲ୍‌କା ଡଟ୍ ବ୍ୟାଗ୍ ଏକ ଭଲ ଅପ୍ସନ ହୋଇଥାଏ। ଏବେ ମାର୍କେଟ୍‌ରେ ସ୍ମଲ୍ ସାଇଜ୍‌ରୁ ଆରମ୍ଭକରି ଟୋଟ୍ ବ୍ୟାଗ୍, ପୋଟ୍‌ଲି ବ୍ୟାଗ୍ ଏପରିକି ଓଭର୍‌ସାଇଜ୍ ବ୍ୟାଗ୍‌ରେ ବି ପୋଲ୍‌କା ଡଟ୍ ପ୍ରିଣ୍ଟ ହୋଇ ବିକ୍ରି ହେଉଥିବାର ଅନେକ ନଜିର ଦେଖିବାକୁ ମିଳୁଛି।

***ପୋଲ୍‌କା ଡଟ୍ ୱାଚ୍:** ଯଦି ଆପଣ ଅତି ଛୋଟ ଛୋଟ ପୋଲ୍‌କା ଡଟ୍ ପ୍ରିଣ୍ଟ ହୋଇଥିବାର କୌଣସି ଫ୍ୟାଶନ ଆସେସରିଜ୍‌କୁ ଟ୍ରାଏ କରିବାକୁ ଚାହୁଁଛନ୍ତି, ତା'ହେଲେ ପୋଲ୍‌କା ଡଟ୍ ୱାଚ୍ ବା ଘଣ୍ଟା ଏଥିପାଇଁ ଏକ ଭଲ ଅପ୍ସନ ହୋଇପାରିବ। ଏହି ହାତଘଣ୍ଟା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ ଏହାକୁ କ୍ୟାରି କଲେ ସେମିତି ଷ୍ଟାଇଲିଶ୍ ଲୁକ୍ ବି ମିଳିଥାଏ। ଖାସ୍‌କରି ଆଜିକାଲିର ୟଙ୍ଗ୍, ଷ୍ଟାଇଲିଶ୍ ଯୁବତୀମାନେ ଏହାକୁ ନିତ୍ୟ ବ୍ୟବହୃତ ପୋଷାକ ସାଙ୍ଗରେ ଆରାମରେ କ୍ୟାରି କରିପାରିବେ।

**ପୋଲ୍‌କା ଡଟ୍ ହେୟାର୍‌ପିସ୍:** ଏବେ ପୋଲ୍‌କା ଡଟ୍ ପ୍ରିଣ୍ଟ ହୋଇଥିବା ଅନେକ ଷ୍ଟାଇଲିଶ୍ ହେୟାର୍‌ପିସ୍ ବି ମାର୍କେଟ୍‌ରେ ଉପଲବ୍ଧ ହେଲାଣି। ଯେମିତିକି ପୋଲ୍‌କା ଡଟ୍ ହେୟାର୍ କ୍ଲିପ୍, ହେୟାର୍ ବ୍ୟାଣ୍ଡ, ହେୟାର୍ ସ୍କାର୍ଫ, ହେୟାର୍ କ୍ଲଚର୍ ଇତ୍ୟାଦି ଅନ୍ୟତମ। ତେବେ କେବଳ କଳାଧଳା ରଙ୍ଗର ନୁହେଁ ଏହି ପ୍ରିଣ୍ଟ ଥିବା ବିଭିନ୍ନ ରଙ୍ଗର ହେୟାର୍‌ପିସ୍ ବି ଏବେ ମିଳୁଛି, ଯାହାକୁ ଟ୍ରାଏ କଲେ ଷ୍ଟାଇଲିଶ୍ ଲାଗିବା ସହ ଯୁବତୀଙ୍କୁ ଆକର୍ଷଣୀୟ ଲୁକ୍ ବି ମିଳିପାରିବ।

***ପୋଲ୍‌କା ଡଟ୍ ସ୍କାର୍ଫ:** ସ୍କାର୍ଫ ବ୍ୟବହାର କରିବା ଦ୍ୱାରା ଲୁକ୍ ଆହୁରି ଷ୍ଟାଇଲିଶ୍ ଲାଗିଥାଏ। ବିଶେଷକରି ପୋଲ୍‌କା ଡଟ୍ ପ୍ରିଣ୍ଟ ହୋଇଥିବା ସ୍କାର୍ଫକୁ ସିମ୍ପଲ୍ ଟି-ଶାର୍ଟ ଅଥବା ଟପ୍ ସାଙ୍ଗରେ ବ୍ୟବହାର କଲେ ବେଶ୍ ଭଲ ମ୍ୟାଚ୍ କରିଥାଏ।

***ପୋଲ୍‌କା ଡଟ୍ ହିଲ୍ସ:** ହିଲ୍‌ର ବ୍ୟବହାର ମହିଳାମାନଙ୍କୁ ମଡର୍ନ ଲୁକ୍ ଦେଇଥାଏ। ଆଉ ଯଦି ସେହି ହିଲ୍‌ରେ ପୋଲ୍‌କା ଡଟ୍ ପ୍ରିଣ୍ଟର ବ୍ୟବହାର ହୋଇଥାଏ, ତା'ହେଲେ ଲୁକ୍‌କୁ ଏହା ଆହୁରି କ୍ଲାସି କରିଦିଏ। ଆଉଟ୍‌ଫିଟ୍‌ର ରଙ୍ଗକୁ ମ୍ୟାଚିଂ କରିବା ପାଇଁ ଏବେ ମାର୍କେଟ୍‌ରେ ବିଭିନ୍ନ ରଙ୍ଗର ତଥା ବିଭିନ୍ନ ସାଇଜ୍‌ର ପୋଲ୍‌କା ଡଟ୍ ପ୍ରିଣ୍ଟ ହୋଇଥିବା ହିଲ୍ସ ବି ଉପଲବ୍ଧ ହେଲାଣି।

***ପୋଲ୍‌କା ଡଟ୍ ନେଲ୍‌ଆର୍ଟ:** ନେଲ୍‌ଆର୍ଟ ଏବେ ଏକ ଟ୍ରେଣ୍ଡି ଫ୍ୟାଶନ ଭାବେ ବେଶ୍ ଚାଲିଛି। ହାତକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ ନଖରେ ବିଭିନ୍ନ ଡିଜାଇନ୍‌ର ନେଲ୍‌ଆର୍ଟ କରାଯାଉଛି। ହେଲେ ପୋଲ୍‌କା ଡଟ୍ ନେଲ୍‌ଆର୍ଟ ଦେଖିବାକୁ ଯେମିତି ଷ୍ଟାଇଲିଶ୍ ଲାଗେ ହାତକୁ ସେମିତି ୟୁନିକ୍ ଲୁକ୍ ବି ଦେଇଥାଏ।

ତେଣୁ ପୋଲ୍‌କା ଡଟ୍ ପ୍ରିଣ୍ଟ ହୋଇଥିବା କେବଳ ଶାଢ଼ି କି ମଡର୍ନ ଆଉଟ୍‌ଫିଟ୍ କାହିଁକି ଉଲ୍ଲେଖିତ ଫ୍ୟାଶନ୍ ଆସେସରିଜ୍‌କୁ ବି ବ୍ୟବହାର କରି ଯୁବତୀମାନେ ଅତି ସହଜରେ ନିଜ ଲୁକ୍‌କୁ ଆକର୍ଷଣୀୟ କରିପାରିବେ।





ପ୍ରିୟମ୍ବଦା



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ବନ୍ଦ

ଦୁଇ ସାଙ୍ଗ କଥାବାର୍ତ୍ତା ହେଉଥାନ୍ତି।
ପ୍ରଥମ ସାଙ୍ଗ: ଜାଣିଛୁ ଆମ ମସ୍ତିଷ୍କ ସବୁବେଳେ କାମ କରେ। ହେଲେ ଦୁଇଟି ସମୟରେ କାମ କରିବା ବନ୍ଦ କରିଦିଏ।
ଦ୍ୱିତୀୟ ସାଙ୍ଗ: ହଁ ସବୁବେଳେ କାମ କରେ ବୋଲି ତ ଜାଣିଛି। ହେଲେ କେବେ ବନ୍ଦ ହୁଏ ମୁଁ ଜାଣିନି।
ପ୍ରଥମ ସାଙ୍ଗ: ଶୁଣ, ପ୍ରଥମତଃ ପରୀକ୍ଷାବେଳେ ଓ ଦ୍ୱିତୀୟରେ ବିବାହ ପାଇଁ ଝିଅ ବାଛିବା ବେଳେ ମସ୍ତିଷ୍କ କାମ କରିବା ବନ୍ଦ ହୋଇଯାଏ।

## ବଶ-ବସ

ବ୍ୟକ୍ତି କଣ୍ଡକ୍ଟରକୁ: ଆପଣ ବସରେ କେତେ ସମୟ ରୁହନ୍ତି ?
କଣ୍ଡକ୍ଟର: ୨୪ ଘଣ୍ଟା
ବ୍ୟକ୍ତି: ଏମିତି କେମିତି ?
କଣ୍ଡକ୍ଟର: ୮ ଘଣ୍ଟା ମୁଁ ସିଟି ବସରେ ରହେ। ଆଉ ୧୬ ଘଣ୍ଟା ମୁଁ ସ୍ତ୍ରୀ ବଶରେ ରହେ।

## ଭଲ କାମ

ସାର୍ ମଣ୍ଟୁକୁ– ତୁ କେବେ କୋଉ ଭଲ କାମ କରିଛୁ ?
ମଣ୍ଟୁ: ହଁ, ସାର୍।
ସାର୍: କହିଲୁ ସେ ଭଲ କାମ କ'ଣ ?
ମଣ୍ଟୁ: ଜଣେ ବୃଦ୍ଧ ବ୍ୟକ୍ତି ବହୁତ ଧୀରେ ଧୀରେ ଘରକୁ ଯାଉଥିଲେ। ମୁଁ ତାଙ୍କ ପଛରେ କୁକୁର ଛାଡ଼ିଦେଲି। ଆଉ ସେ ଦୌଡ଼ି ଦୌଡ଼ି ଶୀଘ୍ର ଘରେ ପହଞ୍ଚିଗଲେ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଅନିଲ ଫଟୋଗ୍ରାଫୀ, ମେକ୍‌ଅପ୍: ସୁହାନା

# ସାଂସ୍କୃତିକ କ୍ଷେତ୍ର ମହାସମୁନ୍ଦ

ଛତିଶଗଡ଼ର ମହାସମୁନ୍ଦ ଜିଲାରେ ଅବସ୍ଥିତ ଏକ ଆକର୍ଷଣୀୟ ତଥା ବଡ଼ ସହର ହେଉଛି ମହାସମୁନ୍ଦ। ପାରମ୍ପରିକ କଳା ତଥା ସଂସ୍କୃତିର ଏକ କେନ୍ଦ୍ର ଭାବେ ବି ଏହି ସହରର ବେଶ୍ ନାଁ ରହିଛି। ଖାସ୍‌କରି ସିରପୁର ହେଉଛି ଏଠାକାର ଏକ ପ୍ରମୁଖ ସାଂସ୍କୃତିକ କେନ୍ଦ୍ର; ଯାହାର ଆକର୍ଷଣରେ ଆକର୍ଷିତ ହୋଇ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ଏଥିସହିତ ଏଠାରେ ଦେଖିବାକୁ ରହିଛି ଅନେକ ମନ୍ଦିର, ସାଂସ୍କୃତିକ ଅନୁଷ୍ଠାନ, ପାର୍କ ତଥା ମାର୍କେଟ୍ ଇତ୍ୟାଦି।

### ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ

ମହାସମୁନ୍ଦକୁ ବୁଲି ଆସୁଥିବା ପର୍ଯ୍ୟଟକ ଏଠାରେ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ଦେଖିବାକୁ ପାଇପାରିବେ। ଯେମିତିକି– ସିରପୁର: ମହାନଦୀ ଅବବାହିକାରେ ଅବସ୍ଥିତ ଛତିଶଗଡ଼ର ସିରପୁର ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ହିନ୍ଦୁ ଧର୍ମ, ଜୈନଧର୍ମ ତଥା ବୌଦ୍ଧଧର୍ମ ସମ୍ପର୍କିତ ଏକାଧିକ ସ୍ମୃତି ସ୍ମାରକ ଦେଖିବାକୁ ପାଇପାରିବେ। ତା'ଛଡ଼ା ଏଠାରେ ମଧ୍ୟ ରହିଛି ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଉତ୍ସର୍ଗୀକୃତ ପବିତ୍ର ରାମ ମନ୍ଦିର ଓ ଲକ୍ଷ୍ମଣ ମନ୍ଦିର। ସେହିପରି ବଲେଶ୍ୱର ମହାଦେବ ମନ୍ଦିର ମଧ୍ୟ ହେଉଛି ଏଠାକାର ଅନ୍ୟତମ ଆକର୍ଷଣ। ଅନ୍ୟପକ୍ଷେ ଏଠାରେ ଥିବା ବୁଦ୍ଧବିହାର ବି ଆଗନ୍ତୁକଙ୍କୁ ଅନେକ କିଛି ଅନୁଭୂତି ଦେଇଥାଏ। ତେଣୁ ଶାନ୍ତ ବାତାବରଣରେ ଅବସ୍ଥିତ ସିରପୁରରେ କିଛି ସମୟ ବିତାଇ ମନକୁ ହାଲୁକା କରିବା ସହ ଆଧ୍ୟାତ୍ମିକ ଭାବଧାରାରେ ଭିଜିଯିବାକୁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳିଥାଏ।

ଏଥିସହିତ ଏଠାରେ ରହିଥିବା କୋଦାର୍ ଡ୍ୟାମ୍, ରାଜିମ୍ କୁମ୍ଭ, ରାଜିବ୍ ଲୋଚନ ମନ୍ଦିର, ଖଲ୍ଲାରୀ ମନ୍ଦିର ଆଡ଼େ ବି ପର୍ଯ୍ୟଟକ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ। ସେହିପରି ଏଠାରେ ରହିଛି ଅନେକ ଛୋଟବଡ଼ ପାର୍କ ତଥା ମାର୍କେଟ୍, ଯେଉଁଠାରେ ବୁଲିବା ସହ ସୁଲଭ ଦରରେ ପର୍ଯ୍ୟଟକ ସେଠାରୁ ଅନେକ କିଛି ଜିନିଷ କିଣି ଆଣିପାରିବେ।

### ମହାସମୁନ୍ଦର ସଂସ୍କୃତି

ଏଠାକାର ସଂସ୍କୃତି ବେଶ୍ ଅନନ୍ୟ। ସ୍ଥାନୀୟ ଲୋକେ ବି ବେଶ୍ ଧର୍ମପରାୟଣ। ଶିକ୍ଷା ହେଉ କି ସଂସ୍କୃତି ହେଉ ଅବା କଳା ସବୁଥିରେ ମହାସମୁନ୍ଦର ଅଧିବାସୀ ବେଶ୍ ପାରଙ୍ଗମ। ତେଣୁ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବା ସହ ସ୍ଥାନୀୟ ଲୋକକଳାକୁ ମଧ୍ୟ ଅତି ନିକଟରୁ ଜାଣିବାର ସୁଯୋଗ ପାଇପାରିବେ।

**କଳାସଂସ୍କୃତିର କ୍ଷେତ୍ର ଭାବେ ଜଣାଶୁଣା ମହାସମୁନ୍ଦ ହେଉଛି ଛତିଶଗଡ଼ର ମହାସମୁନ୍ଦ ଜିଲା ଅନ୍ତର୍ଗତ ଏକ ବଡ଼ ସହର। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ମନ୍ଦିର, ସ୍ମୃତିସ୍ମାରକୀ ତଥା ସାଂସ୍କୃତିକ ଅନୁଷ୍ଠାନ...**







### ମହାସମୁନ୍ଦର ଅର୍ଥନୀତି

ଏଠାକାର ଅର୍ଥନୀତି ମୁଖ୍ୟତଃ ଚାଷବାସ ଓ ଖଣି ଖାଦାନ ଉପରେ ନିର୍ଭର କରିଥାଏ। ଧାନଚାଷ ହେଉଛି ଏଠାକାର ଏକ ମୁଖ୍ୟ ଚାଷ। ସେହିପରି ଏଠାରୁ ଏକ ସ୍ୱତନ୍ତ୍ର ଧରଣର କଳାପଥର ମିଳିଥାଏ, ଯାହାକୁ ମୁଖ୍ୟତଃ ଟାଇଲ୍ସ ଭାବେ ବ୍ୟବହୃତ କରାଯାଉଥିବାର ସୂଚନା ରହିଛି। ତା'ଛଡ଼ା ଏଠାରେ ଅନେକ ଷ୍ଟୋନ୍ କଟିଙ୍ଗ୍ ଫ୍ୟାକ୍ଟ୍ରି ବି ରହିଛି। ଏହା ମଧ୍ୟ ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ପ୍ରଦାନ କରିଥାଏ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁଯୋଗ ରହିଛି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ଅଛି। ଛତିଶଗଡ଼ର ରାଜଧାନୀ ରାୟପୁରଠାରୁ ପ୍ରାୟ ୫୫ କି.ମି., ବରଗଡ଼ଠାରୁ ୧୮୦ କି.ମି, ସମ୍ବଲପୁରଠାରୁ ପ୍ରାୟ ୨୫୦ କି.ମି ଦୂରରେ ରହିଥିବା ମହାସମୁନ୍ଦକୁ ଯିବାପାଇଁ ଉଭୟ ସଡ଼କପଥ, ରେଳପଥ ତଥା ଆକାଶପଥର ସୁବିଧା ରହିଛି।









# ଅଜବ ହେଡଷ୍ଟାଣ୍ଡ

ହେଡଷ୍ଟାଣ୍ଡ ବା ଗୋଡ଼ ଉପରକୁ କରି ହାତରେ ଅନେକେ ଚାଲି ପାରନ୍ତି। ତେବେ ଜଣେ ବ୍ୟକ୍ତି ଏହି ହେଡଷ୍ଟାଣ୍ଡକୁ ଏକ ଭିନ୍ନ ତରିକାରେ କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଗୋଡ଼ ଉପରକୁ କରି ଦୁଇ ହାତରେ ଦୁଇଟି ଫୋରଆର୍ମ କ୍ରଚ୍ ଧରି କ୍ରଚ ସାହାଯ୍ୟରେ ସନ୍ତୁଳନ ରକ୍ଷା କରି ଚାଲି ପାରୁଛନ୍ତି। କେବଳ ସେତିକି ନୁହେଁ ସେ ଏହି ଅବସ୍ଥାରେ ମାତ୍ର ୫୭ ସେକେଣ୍ଡରେ ୧୦୦ ମିଟର ଦୌଡ଼ି ରେକର୍ଡ ମଧ୍ୟ କରିଛନ୍ତି। ସେ ହେଉଛନ୍ତି ଇଥିଓପିଆର ତାମେରୁ ଜାଗେୟେ। ଛୋଟବେଳୁ ହିଁ ତାମେରୁ ଏହି ଭିନ୍ନ ତରିକାରେ ଚାଲିବା ଅଭ୍ୟାସ କରିଛନ୍ତି। କାରଣ ସେ ଥିଲେ ଭିନ୍ନକ୍ଷମ। ସେ ଚାଲିପାରନ୍ତି ନାହିଁ। ଏହି କାରଣରୁ ତାଙ୍କ ମା' ତାଙ୍କୁ ପରିତ୍ୟାଗ କରିଦେଇଥିଲେ। ଆଉ ତାଙ୍କ ଜେଜେବାପା ତାଙ୍କୁ ବେଶ୍ ଆଦରରେ ଲାଳନପାଳନ କରି ବଡ଼ କଲେ। ତାଙ୍କ ଜେଜେବାପା କହନ୍ତି, 'ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି।' ଆଉ ସେ ହିଁ ତାଙ୍କୁ ସବୁକିଛି କରିପାରିବାର ସାହସ ଦେଇଥିଲେ। ପ୍ରଥମେ ସେ ହାତରେ ଚାଲିବା ଶିଖିଥିଲେ। ତେବେ ପରେ ଜଣେ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟରେ ଅସ୍ତ୍ରୋପଚାର କରି କ୍ରଚେସ୍ ଧରି ଗୋଡ଼ରେ ଚାଲିପାରିଲେ। ଏହାପରେ ସେ କ୍ରଚେସ୍ ସାହାଯ୍ୟରେ ବିଭିନ୍ନ ଟ୍ରିକ୍ କରିଥିଲେ। ଶେଷରେ କ୍ରଚେସ୍ ସାହାଯ୍ୟରେ ହେଡଷ୍ଟାଣ୍ଡ କରି ଦୌଡ଼ି ରେକର୍ଡ କରିବାକୁ ବି ସମର୍ଥ ହେଲେ। ଏବେ ତାମେରୁ ଏକ ସର୍କସରେ କାମ କରୁଛନ୍ତି।

## କାର୍ଟୁନ କର୍ନର



# ମକରା କାକେରା ସଂଘ

ଶ୍ରୀମାନ୍ ସର୍ବଗିଳା

**ମୋ** ବିଚାରରେ ଯେଉଁମାନଙ୍କ ଘଟ (ଶରୀର)ରେ ଧର୍ମ ଭାରି ଓଜନରେ ଭରି କରିଥାଏ ସେଇମାନେ 'ଧର୍ମଘଟ' କରନ୍ତି । ଆଉ ଏଇ ଧର୍ମଘଟିଆଙ୍କ ମନକଥା ବୁଝିବାକୁ ଧର୍ମଛଡ଼ା ନୁହଁ, ଧର୍ମଧାରୀମାନେ ଚେଷ୍ଟା କରନ୍ତି । ତାଙ୍କର ସବୁ ଇଚ୍ଛାପୂରଣ କରାନ୍ତି । ମତେ ଲାଗୁଥିଲା ଅଳ୍ପଦିନ ଭିତରେ ପିଏମ୍‌ଜି ଛକରେ ଭୁବନେଶ୍ୱରଠାରେ ଗୋଟେ ବିରାଟ ଧର୍ମଘଟିଆଙ୍କ ଧାରଣା ଦିଆଯିବ । ଦାବି ପୂରଣ ନ ହେଲେ ବିରାଟ ଆନ୍ଦୋଳନର ରୂପ ନବ । ହୁଏତ ଶାସନର ମୂଳଦୁଆ ଭୁଶୁଡ଼ିଯିବ, ହୁଗୁଳିଯିବା ଯାଏ କଥା ଯିବ ।
ସେଦିନ ମୁଁ ଗାଁକୁ ଯାଇଥାଏ । ସଞ୍ଜବୁଡ଼ କୁ ଦୋଳବେଦି ଚଉରାଉପରେ ବସି ବୁଢ଼ାମାନେ ଯୋଉ ଆଲୋଚନା କରୁଥିଲେ ତାହା ଶୁଣି ଆମ୍ଭର ଏମନ୍ତ ସନ୍ଦେହ ଜାତ ହେଲା ।

ହଗୁରା ମଉସାଙ୍କ ପେଟ ପରି ମନ ବି ସଫା । ପିଲାବେଳେ ପତଳା ଝାଡ଼ା ଢେରଦିନ ହେବାରୁ ମକରାରୁ ହଗୁରା ନାଁରେ ପରିଚିତି ତାଙ୍କର । ନିଜଠୁ ପର ହିତ ଚିନ୍ତା ବେଶି । ତେଣୁ ଟାୟାର୍ଡ ନ ହେଇ ବି ରିଟାୟାର୍ଡ ହେଇ ସହରରୁ ଗାଁକୁ ବୁଲି ଆସି ଅଟକି ଯାଇଥିବା ଚେଣ୍ଟୁଳ ଜେଜେଙ୍କ ପାଖରେ ଗାଁ ବୁଢ଼ାମାନଙ୍କ ଜବର ଭିଡ଼ । ଏଇ ଅବସରରେ ହଗୁରା ମଉସା ବନାମ ମକରା ମଉସା ଚେଣ୍ଟୁଳ ଜେଜେଙ୍କୁ ମନକଥା ଓ ଉଦ୍ଦେଶ୍ୟ କହି ଉପାୟ କରିବାକୁ କହିଲେ । ତାଙ୍କ କହିବା କଥା ହେଲା ତେମେ ଆପଣେ ସର୍କାରୀ ସେକ୍ରେଟାରୀ ଥିଲେ । ମୁଣ୍ଡରେ ବହୁତ ଜ୍ଞାନ । ତେବେ କହନ୍ତୁ ସର୍କାର ଜନମରୁ ଜୁଇଯାଏ ସବୁ ଯୋଜନା କଲେ । ଗର୍ଭବତୀ ମା'ଙ୍କୁ ଅଣ୍ଡା, ଛତୁଆ ଖୁଆଇ ପିଲା ଜନମେଇ ଟିକାଦାନ ଭଳି ମହତ୍ କାମ କରି ମା' ଛୁଆଙ୍କ ପାଇଁ ସୁବିଧା କଲେ । ଛାତ୍ରଙ୍କ ପାଇଁ ମାଗଣା ବହି, ମାଗଣା ଶିକ୍ଷା, ପୋଷାକ, ଖାଦ୍ୟ, ସାଇକେଲ, ଲାପଟପ୍ ଯାଏ ଦେଲେ । ଶ୍ରମିକଙ୍କୁ ଛତା ଜୋତା ଦେଲେ । ଏମିତି କି ବୁଢ଼ୀମାନଙ୍କୁ ଆଣି କାର୍ତ୍ତିକ ଧର୍ମମାସରେ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରରେ ଠୁଳ କରି ମାଗଣା ରହିବା, ଅବଢ଼ା ଖୁଆଇବା, ସେବାଦି କରି ଧର୍ମଅର୍ଜନ କଲେ । ମଲାପରେ ଜୁଇକୁ ନେଇ ଶବଦାହ କଲେ । ହେଲେ ଆମ ବୁଢ଼ାମାନଙ୍କ ପାଇଁ କ'ଣ କଲେ ? କେଇଜଣ ସିନା ବାର୍ଦ୍ଧକ୍ୟ ଭତ୍ତା କେତୁଟା ଟଙ୍କା ପାଉଛନ୍ତି, ହେଲେ ବୁଢ଼ାକୁ ଗାଁରେ ଛାଡ଼ି ସହରରେ ରହୁଥିବା ପୁଅ ବୋହୂଙ୍କ ବିନା ସେମାନେ ବି ରନ୍ଧାବଢ଼ା ସେବାରୁ ଫୁଲ ବଞ୍ଚିତ । ଆମେ ବୁଢ଼ାମାନେ କ'ଣ ନିଆଁରେ ସୁସୁ କରିଛୁ ଯେ ଏମିତି କଲବଲ ହବୁ ? ହେଇ ଦେଖୁନ ତେନ୍ତୁଳିଆ ଭାଇ, ପୁଅ ବୋହୂ ଠୁ ମାଡ଼ଗାଳି ହତାଦର ପାଇ ସିଏ ଗାଁରେ କି କଲବଲ । ଶୁକୁଟାକୁ ତା' ପୁଅ ବୋହୂ ଭାରି ଭଲ ପା'ନ୍ତି ବୋଲି ତାଙ୍କୁ ନେଇ ବାଙ୍ଗାଲୋରରେ ରଖିଥିଲେ । କିନ୍ତୁ ସେମାନେ ୧୨ଘଣ୍ଟା ଡିଉଟିକି ଗଲାପରେ ବୁଢ଼ାଟା ଏକା କେତେ ଘରେ ରହିବ । ନ ରହି ପାରି ଆସି ଗାଁରେ । ଆମ୍ଭେ ବୁଢ଼ାମାନେ ହଇରାଣ ହରକତ ହେଲେ ବି ଜନମକଲା ପୁଅର ସମ୍ମାନ ହାନି ହବ ବୋଲି ଜରା ନିବାସରେ ସମସ୍ତେ ରହି ପାରୁନୁ । ତେଣୁ କ'ଣ କଲେ ଆମ ସମସ୍ୟା ସମାଧାନ ହବ ଉପାୟ କର । ତାଙ୍କ କଥାକୁ ସମର୍ଥନ ଜଣାଇ ଧଡ଼ିଆ କକା, ଅଇଁଠା ଭାଇନା, କାକରା ନନା, ଗନ୍ଧିଆ ପିଇସା, ଚକୁଳିଆ ଦାଦି ବି ଦାବି ଜଣେଇଲେ । କହିଲେ ଚେଣ୍ଟୁଳ ବାବୁ କିଛି ଗୋଟେ କର ! ନଇଲେ ଆମେ ସବୁ ଜିଇ ଥାଉଁ ଥାଉଁ ମରିଯିବୁ । ମକରା ମଉସାଙ୍କର କଥାକୁ ଗମ୍ଭୀର ଭାବରେ ଚିନ୍ତାକରି ଚେଣ୍ଟୁଳ ଜେଜେ କହିଲେ, ହଁ ସତ କଥା । ସରକାର କାର୍ତ୍ତିକ ମାସରେ ବୁଢ଼ୀମାନଙ୍କ ପାଇଁ ଶ୍ରୀକ୍ଷେତ୍ରରେ ହବିଷ କରି ମହୋଦଧି ସ୍ନାନ, ଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନାଦି ସେବା ଦେଇ କାହିଁକି ମାସକର ଧର୍ମ ଅର୍ଜନ କରୁଛନ୍ତି ! ବରଂ ଏମିତି କରିବା ଜୀବନ ଥିବା ଯାଏ ସରକାର ସବୁବେଳେ ଧର୍ମ ଅର୍ଜୁଥା'ନ୍ତୁ । କାକରା ନନା ଉଠି କହିଲେ ଶୁଣ । ମୁଁ ଦେଖୁଛି ଅନେକ ଅଭକ୍ତ ଆସି ପୁରୀରେ ରହୁଥିବା କୋଠାର ନାଁ ବି 'ଭକ୍ତନିବାସ' ଦିଆଯାଇଛି । କୋଉଠି ଧର୍ମଶାଳାକୁ ଭାଙ୍ଗି ବିକ୍ରିବଟା ବି ହୋଇଯାଉଛି । ସ୍ୱର୍ଗଦ୍ୱାର ଜମିକି ମାଡ଼ିବସି କେତେ କେତେ ଲଜିଂ, ହୋଟେଲ କରି ବେପାର ଜୋରଦାର ଚାଲିଛି । ତେବେ ଆମ ପାଇଁ କ'ଣ ବ୍ୟବସ୍ଥା କରାଯାଉ ।



ଏଥର ଚଟାପଟ ଚେଣ୍ଟୁଳ ଜେଜେଙ୍କ ମୁଣ୍ଡରେ ଚେତା ପଶିଲା । କହିଲେ ମିଳିଗଲା । ଉପାୟ ମିଳିଗଲା । ଆମେ ଗୋଟେ ବରିଷ୍ଠ ନାଗରିକ ସଂଘ ରାଜ୍ୟସ୍ତରୀୟ ଭାବରେ ଗଢ଼ି ଧର୍ମଘଟ କରି ସର୍କାରଙ୍କୁ ଦାବି ଜଣେଇବା । ହଗୁରାଙ୍କ ପ୍ରସ୍ତାବ କାକେରାଙ୍କ ପରାମର୍ଶ ଯୋଗୁଁ ଯୋଉ ପ୍ରବଳ ବୁଦ୍ଧି ଜୁଟିଲା, ସେଇ ବରିଷ୍ଠ ନାଗରିକ ସଂଘର ନାମ ହଗୁରାଙ୍କ ଅର୍ଜିନାଲ ନାଁ 'ମକରା କାକେରା ବରିଷ୍ଠ ନାଗରିକ ସଂଘ' ଦିଆଯାଉ । ଖବରକାଗଜରେ ପ୍ରକାଶିତ କରି ବ୍ୟକ୍ତିଗତ ସମ୍ପର୍କ ଯୋଡ଼ି ସଭ୍ୟ ସଂଖ୍ୟା ବୃଦ୍ଧି କରାଯାଇ ବୃଦ୍ଧଙ୍କ ଦାବି ଧର୍ମଘଟକୁ ଜୋରଦାର କରାଯିବ । ଆଉ ସ୍ୱର୍ଗଦ୍ୱାରରେ ସର୍କାରୀ ଜମିର ଜବରଦଖଲ ହୋଟେଲ, ଲଜିଂକୁ ଉଚ୍ଛେଦ କି ଭଙ୍ଗା ନ ଯାଉ । ସ୍ୱର୍ଗଦ୍ୱାର ଚାରିକଡ଼େ ମାଡ଼ି ବସିଥିବା ସବୁ କୋଠା, ଲଜିଂ, ହୋଟେଲର ସବୁ ଘର ଆମ ବୁଢ଼ାବୁଢ଼ୀଙ୍କ ନାମରେ ରିଜର୍ଭ ହେଉ । ଓଡ଼ିଶାର ସବୁ ବୁଢ଼ାବୁଢ଼ୀ ବିଭିନ୍ନ କାରଣରୁ ଘରେ ରହି ହରକତ ନ ହେବାପାଇଁ ସମସ୍ତଙ୍କୁ ଆଣି ଶ୍ରୀକ୍ଷେତ୍ରରେ ସ୍ୱର୍ଗଦ୍ୱାର ସନ୍ନିକଟରେ ସମସ୍ତ କୋଠାର ତଳ ମହଲାରେ ରଖାଇ ତାଙ୍କର ଖାଇବା, ପିଇବା, ସ୍ୱାସ୍ଥ୍ୟସେବାଦି ସହିତ ମଠ, ମନ୍ଦିର ଦର୍ଶନାଦି ଏମିତିକି ଶେଷରେ ଶବଦାହର ସୁବନ୍ଦୋବସ୍ତ କରି ସର୍କାର ସବୁଦିନିଆ ଧର୍ମ ଅର୍ଜନ କରନ୍ତୁ । ଆମ୍ଭେ ସବୁ ବୁଢ଼ା ଧର୍ମଘଟିଆ ପ୍ରତିଶ୍ରୁତି ଦେଇ ଆମ୍ଭ ଧର୍ମବଳରେ ସର୍କାର ସବୁଦିନ ଶାସନଗାଦିରେ ରହିପାରିବେ ; ଯଦ୍ୱାରା ଆମ୍ଭର ପୁତ୍ରକନ୍ୟାଦି ଆଉ ଗାଡ଼ିଭଡ଼ା କରି ମଡ଼ା ଆଣି ହଇରାଣ ହେଇ ସ୍ୱର୍ଗଦ୍ୱାରରେ ପୋଡ଼ାପୋଡ଼ି କରିବେନି । ଦ୍ୱିତୀୟରେ କରୋନା କବଳରେ କେବଳ ଶ୍ରୀକ୍ଷେତ୍ରବାସୀଙ୍କ ଛଡ଼ା ଅନ୍ୟ ଜିଲାର ମଡ଼ା ପୋଡ଼ାଯିବାର ପ୍ରତିବନ୍ଧକ ରହିବ, ଆମ୍ଭେ ସମସ୍ତ ବୃଦ୍ଧ ଶ୍ରୀକ୍ଷେତ୍ରବାସୀ ଭାବରେ ସବୁ ସୁବିଧା ପାଇବାରୁ ବଞ୍ଚିତ ହେବାନି ।

''ଯେଉଁଠି ସ୍ୱର୍ଗର ଦେବତା ମରତକୁ ଓହ୍ଲାନ୍ତି, ଆଉ ମର୍ତ୍ତ୍ୟର ମାନବ ସ୍ୱର୍ଗକୁ ଚଢ଼ନ୍ତି, ସେଇ ଜାଗାର ନାମ ପବିତ୍ର 'ସ୍ୱର୍ଗଦ୍ୱାର' ।'' ଯାହା କି ଶ୍ରୀକ୍ଷେତ୍ର ମହୋଦଧି କୂଳରେ ଆମ୍ଭର ଶେଷଜୀବନ ସୁଖରେ ବିତିବା ସହ ଶାନ୍ତିରେ ହରିଶ୍ଚନ୍ଦ୍ର ଯୋଜନାରେ ଶବଦାହ ବି ହବ । ଆମ୍ଭର ସ୍ୱର୍ଗଯାତ୍ରା ଇଚ୍ଛା ପୂରଣ ହେବ ।

ସମସ୍ତଙ୍କ ମନକୁ କଥାଟା ପାଇଲା । ଏଥର ସମସ୍ତେ ନିଖିଳ ଉତ୍କଳ ମକରା କାକେରା ବରିଷ୍ଠ ନାଗରିକ ସଂଘର ଜୟ... ନାରା ଦେଇ ସଭା ସାଙ୍ଗ କଲେ ।

–ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ,
ମୋ : ୭୦୦୮୧୮୮୪୭

## ପୁସ୍ତକ ସମୀକ୍ଷା

### ସାହିତ୍ୟ:ବିମ୍ବ ଓ ପ୍ରତିବିମ୍ବ

**ଲେଖକ– ଡ. ସୁଶାନ୍ତ କୁମାର ବିଶି**
**ପ୍ରକାଶକ– କାବ୍ୟଲୋକ, ଭୁବନେଶ୍ୱର**
**ମୂଲ୍ୟ–୨୫୦ଟଙ୍କା**




ସାହିତ୍ୟ:ବିମ୍ବ ଓ ପ୍ରତିବିମ୍ବର ଲେଖକ ଡ.ସୁଶାନ୍ତ କୁମାର ବିଶି । ଏଥିରେ ଲେଖକ ରୁଦ୍ରସୁଧାନିଧିଠାରୁ ଆରମ୍ଭ କରି ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଓଡ଼ିଆ ଗଦ୍ୟ ସାହିତ୍ୟରେ ଥିବା ପ୍ରକୃତିର ବହିଃରୂପ ଓ ଅନ୍ତଃରୂପକୁ ସୁନ୍ଦରଭାବେ ପରିବେଷଣ କରିଛନ୍ତି । ସମାଲୋଚନା ଅତୀତର ଜ୍ଞାନଚର୍ଚ୍ଚାକୁ ମହିମାମଣ୍ଡିତ କରି ଭବିଷ୍ୟତ ପାଇଁ ନୂତନ କ୍ଷେତ୍ର ସୃଷ୍ଟି କରିଥାଏ । ଉକ୍ତ ପୁସ୍ତକ ସେ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ । ସୃଷ୍ଟି, ସ୍ରଷ୍ଟା ଏବଂ ରସସ୍ୱାଦନକାରୀଙ୍କ ମଧ୍ୟରେ ଏକ ସଂଯୋଗର ସେତୁ । ଏଥିପାଇଁ ସାହିତ୍ୟ ସରହଦରୁ ଗତି ପ୍ରକୃତି ଆହରଣ ଓ ସମୀକରଣ କରିବାରେ ଆଲୋଚନାଗୁଡିକ ଦିଗ୍‌ଦର୍ଶନ ଦେବ । ତେଣୁ ବିଶିଙ୍କ ପୁସ୍ତକ ଆଗାମୀ ଗବେଷକ ଛାତ୍ରୀଛାତ୍ରମାନଙ୍କ ପାଇଁ ନିଶ୍ଚୟ ପଥିକୃତ ସାବ୍ୟସ୍ତ ହେବ ।

### ସୃଜାମ୍ୟହମ୍

**ଲେଖକ–ରଂଜନ କୁମାର ଦାସ**
**ପ୍ରକାଶକ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ**
**ମୂଲ୍ୟ–୧୮୫ଟଙ୍କା**




ସୃଜାମ୍ୟହମ୍ ରଂଜନ କୁମାର ଦାସଙ୍କ ନିବନ୍ଧ ସଂକଳନ । ନିବନ୍ଧଗୁଡ଼ିକ ବିଭିନ୍ନ ସମୟରେ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି । ପୁସ୍ତକରେ ସମାଜକୁ ଦିଗ୍‌ଦର୍ଶନ ଦେବାଭଳି ଅନେକ ଶିକ୍ଷଣୀୟ ନିବନ୍ଧ ରହିଛି । ଏଥିରେ ୩୫ଟି ନିବନ୍ଧ ସ୍ଥାନ ପାଇଛି । ସେଗୁଡିକ ଉଚ୍ଚକୋଟୀର ଓ ପଠନ ଯୋଗ୍ୟ । ରଂଜନ କବିତା ରଚନା କ୍ଷେତ୍ରରେ ଯେତିକି ସରଳ ଓ ସାବଲୀଳ, ମୌଳିକ ପ୍ରବନ୍ଧ ରଚନା କ୍ଷେତ୍ରରେ ସେତିକି ଧୁରୀଣ । ଭାବବସ୍ତୁର ପ୍ରସାରଣରେ ଓ କାବ୍ୟ କୌଶଳର କାଉଁରି ସ୍ପର୍ଶରେ ତାଙ୍କ ନିବନ୍ଧଗୁଡ଼ିକ କେବଳ ହୃଦୟସ୍ପର୍ଶୀ ନୁହେଁ, ବରଂ ସୁଖପାଠ୍ୟ ଓ ଚିନ୍ତାଦ୍ୟୋତକ । ସୃଜାମ୍ୟହମ୍ ମଧ୍ୟ ଏଇ ଧାରାର ଏକ ସଂକଳନ, ଯାହା ପାଠକ ମହଲରେ ଆଦୃତି ହେବାର ଦାବି ଓ ଯୋଗ୍ୟତା ରଖିବ ।

### ବୁଲ୍‌ବୁଲ୍ ଓ ରକ୍ତଗୋଲାପ
### ଓସ୍କାର୍ ୱାଇଲଡ୍‌ଙ୍କ ଶ୍ରେଷ୍ଠ ଗଳ୍ପ

**ଅନୁବାଦ–ବିଳାସିନୀ ମହାନ୍ତି**
**ପ୍ରକାଶକ–ଅନୁସୃଷ୍ଟି, ଜାରକା, ଯାଜପୁର**
**ମୂଲ୍ୟ–୧୫୦ଟଙ୍କା**





ବୁଲ୍‌ବୁଲ୍ ଓ ରକ୍ତଗୋଲାପ ଓସ୍କାର ୱାଇଲଡ୍‌ଙ୍କ ଗଳ୍ପ ପୁସ୍ତକ । ଏହାକୁ ଓଡ଼ିଆ ଅନୁବାଦ କରିଛନ୍ତି ବିଳାସିନୀ ମହାନ୍ତି । ଅନୁବାଦ କ୍ଷେତ୍ରରେ ବିଳାସିନୀ ଏକ ପରିଚିତ ନାମ । ବହିଟିର ନାମକରଣ ବୁଲ୍‌ବୁଲ୍ ଓ ରକ୍ତଗୋଲାପ ଗପକୁ ନେଇ କରିଛନ୍ତି । ଏଥିରେ ପ୍ରେମ କିପରି ଦର୍ଶନଠାରୁ ଅଧିକ ପ୍ରାଜ୍ଞ ଓ ପ୍ରଭାବଶାଳୀ ତା'ର ଚମତ୍କାରିତା ପ୍ରତିଫଳିତ । ଗୋଟିଏ ଲାଲ ଗୋଲାପ ପାଇଁ ମୃତ୍ୟୁର ମୂଲ୍ୟ ଅଧିକ । ସମସ୍ତଙ୍କ ପାଇଁ ଜୀବନ ପ୍ରିୟ ବୋଲି ଲେଖିକା ଚମତ୍କାର ଭାବେ ଅନୁବାଦ ମାଧ୍ୟମରେ ଚିତ୍ରିତ କରିଛନ୍ତି । ଓଡ଼ିଆ ଅନୁବାଦ ସାହିତ୍ୟକୁ ବ୍ୟାପ୍ତି ଓ ସମୃଦ୍ଧ କରିବାରେ ବିଳାସିନୀଙ୍କ ଅବଦାନ ଅସାମାନ୍ୟ । ଗବେଷଣା ଓ ନିର୍ବାଚନ ପୂର୍ବକ ଉତ୍ତୀର୍ଣ୍ଣ ସାହିତ୍ୟ ସନ୍ଧାନ ତାଙ୍କ ଅନୁବାଦର ବୈଶିଷ୍ଟ୍ୟ । ଆଶା ପୁସ୍ତକଟି ସୁଖପାଠ୍ୟ ସହ ଜନାଦୃତ ହେବ ।

# ଗୁଗଲ୍ ବେବେ



ଆଠ ବର୍ଷର 'ଗୁଗଲ ବୟ' କୌଟିଲ୍ୟ ଦିନେ ସାରା ଭାରତରେ ତା'ର ବିଚକ୍ଷଣ ବୁଦ୍ଧି ପାଇଁ ଚହଲ ପକାଇଥିଲା। ତେବେ ଜାଣନ୍ତି କି କେବଳ 'ଗୁଗଲ ବୟ' ନୁହେଁ, ଆମ ଦେଶରେ ଜଣେ 'ଗୁଗଲ ବେବେ' ବି ଅଛନ୍ତି। ପଞ୍ଜାବ, ଫତେହଗଡ ସାହିବର ମନୈଲା ଗାଁରେ ରହୁଥିବା କୁଲୱନ୍ତ କୌର ଭାରତର 'ଗୁଗଲ ବେବେ'ଭାବେ ପରିଚିତ। ୫୫ ବର୍ଷୀୟା କୁଲୱନ୍ତଙ୍କ ମସ୍ତିଷ୍କ କମ୍ପ୍ୟୁଟରଠାରୁ ମଧ ଫାଷ୍ଟ। ଯେକୌଣସି ପ୍ରଶ୍ନ ପଚାରିଲେ ସେ ଫଟାଫଟ୍ ଗୁଗଲ ଇଞ୍ଜିନ୍ ଭଳି ଉତ୍ତର ଦେଇପାରନ୍ତି। କୁଲୱନ୍ତ ଜମିଦାର ପରିବାରର ଅଟନ୍ତି। ତାଙ୍କର ହିନ୍ଦୁ, ମୁସଲିମ୍, ଇଶାଇ, ବୌଦ୍ଧ, ଇହୁଦୀ ଆଦି ଧର୍ମ ଉପରେ ଗଭୀର ଜ୍ଞାନ ଅଛି। ବିଭିନ୍ନ ଧର୍ମଗୁରୁଙ୍କ ଉପଦେଶ ତାଙ୍କର ମୁହେଁ ମୁହେଁ ମନେ ଅଛି। ସବୁ ଗ୍ରନ୍ଥର ଜ୍ଞାନ ତାଙ୍କ ଭିତରେ ଅଛି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏତେ ଜ୍ଞାନର ଅଧିକାରୀ କୁଲୱନ୍ତ ମାତ୍ର ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପଢିଛନ୍ତି। ପାରିବାରିକ ସମସ୍ୟା ଯୋଗୁ ସେ ଅଧିକ ପଢ଼ିପାରି ନ ଥିଲେ। କୁଲୱନ୍ତଙ୍କର ସ୍ମରଣ ଶକ୍ତି ବେଶ୍ ପ୍ରଖର ସେ ଯାହା ଥରେ ଶୁଣନ୍ତି ଓ ଯେଉଁ ବହି ଥରେ ପଢ଼ନ୍ତି ସବୁଦିନ ପାଇଁ ମନେ ରହିଯାଏ। ସେ କୁହନ୍ତି, ''ପିଲାଦିନେ ଆଗରାରେ ରହିବାବେଳେ ବାପାଙ୍କ ସାଙ୍ଗ ଘରକୁ ଆସି ବାପାଙ୍କ ସହ ବିଭିନ୍ନ ଧର୍ମ ବିଷୟରେ କଥା ହେଉଥିଲେ। ଆମେ ତାଙ୍କ ପାଖରେ ବସି ସେସବୁ ଶୁଣୁଥିଲୁ। ସେସବୁ କଥା ମୋର ଆଜି ବି ମନେ ଅଛି।'' ତା' ଛଡା ସେ ବିଭିନ୍ନ ବହି ଯେମିତି କି ହିଷ୍ଟ୍ରି ଅଫ୍ ପଞ୍ଜାବ, ହିଷ୍ଟ୍ରୀ ଅଫ୍ ଇଣ୍ଡିଆ, ଡିସକ୍‌ଭରୀ ଅଫ୍ ଇଣ୍ଡିଆ, ଡିସକ୍‌ଭରୀ ଅଫ୍ ପଞ୍ଜାବ ଆଦି ପଢିଛନ୍ତି। ବିଭିନ୍ନ ଧର୍ମ ସମ୍ପର୍କରେ ଜାଣିବା ପାଇଁ ୨୨ ବର୍ଷ ବିଭିନ୍ନ ଲିଟରେଚର ପଢିଛନ୍ତି। ତାଙ୍କ ଘରେ ଏକ ଛୋଟ ଲାଇବ୍ରେରୀ ଦେଖିବାକୁ ମିଳେ। ଧର୍ମ ଉପରେ ପିଏଚ୍‌ଡି କରିବାକୁ ତାଙ୍କର ଇଚ୍ଛା ଅଛି।

ବ୍ୟାକ୍ ପେଜ୍









# ମଦ ବୋତଲରେ ଭବ୍ୟ ମନ୍ଦିର

ପୃଥିବୀରେ ଥିବା ବିଭିନ୍ନ ଧର୍ମ ମଧରେ ବୌଦ୍ଧଧର୍ମ ଅନ୍ୟତମ। ଏହି ଧର୍ମ ପ୍ରତି ସାରା ପୃଥିବୀରେ ଗୁରୁତ୍ୱ ଓ ସମ୍ମାନ ରହିଛି। ବୌଦ୍ଧ ମନ୍ଦିରରେ ପୂଜା କରୁଥିବା ବ୍ୟକ୍ତିଙ୍କୁ ସାଧାରଣତଃ ଭିକ୍ଷୁକ କୁହାଯାଏ। ସେମାନେ ବହୁତ ନିଷ୍ଠାର ସହ ଜୀବନଯାପନ କରନ୍ତି। ମଦ, ମାଂସଠାରୁ ସେମାନେ ବହୁତ ଦୂରରେ। ହେଲେ ଏମିତି ଏକ ବୌଦ୍ଧ ମନ୍ଦିର ଅଛି, ଯେଉଁଠି ଦେଖିବାକୁ ମିଳିବ ଲକ୍ଷ ଲକ୍ଷ ମଦ ବୋତଲ। ଏକଥା ଶୁଣି ନିଶ୍ଚୟ ସେହି ମନ୍ଦିର ଓ ସେଠାକାର ପୂଜକଙ୍କ ଉପରେ ଖରାପ ଭାବନା ଆସିବ। ତେବେ ପ୍ରକୃତ କଥା ହେଉଛି ଏହି ବୌଦ୍ଧ ମନ୍ଦିର ଲକ୍ଷ ଲକ୍ଷ ମଦ ବୋତଲରେ ତିଆରି। ସାଧାରଣତଃ ଲୋକେ ମଦ ପିଇବା ପରେ ବୋତଲ ଫିଙ୍ଗି ଦିଅନ୍ତି। କିନ୍ତୁ ଥାଇଲାଣ୍ଡରେ ଏହି ବୋତଲ ସଂଗ୍ରହ କରି ତାକୁ ରିସାଇକଲ କରି ସେଥିରେ ଏହି ମନ୍ଦିର ତିଆରି କରିଛନ୍ତି। ଏହା ପ୍ରମାଣିତ କରେ ଯେ, ଯଦି ଚିନ୍ତାଧାରା ସକାରାତ୍ମକ ତେବେ ନକାରାତ୍ମକତାକୁ ବି ବଦଳାଇ ଦିଆଯାଇପାରେ। ବୌଦ୍ଧ ଭିକ୍ଷୁକମାନେ ମଦ ବୋତଲରେ ମନ୍ଦିର ଗଢି ତାକୁ ସକାରାତ୍ମକ ରୂପ ଦେଇଛନ୍ତି। ବିଶେଷକରି ସମୁଦ୍ରରେ ବଢୁଥିବା ମଦ ବୋତଲର ଆବର୍ଜନାକୁ ନେଇ ବୌଦ୍ଧ ଭିକ୍ଷୁକମାନେ ଚିନ୍ତିତ ହୋଇ ସେହି ମଦ ବୋତଲ ସଂଗ୍ରହ କରି ତାକୁ ମନ୍ଦିର ଗଢ଼ିବାରେ ବିନିଯୋଗ କଲେ। ଥାଇଲାଣ୍ଡର ସିସ୍କେଟ ପ୍ରାନ୍ତରେ ତିଆରି ଉକ୍ତ ମନ୍ଦିରର ନାମ ହେଉଛି 'ୱାଟ ପ ମହା ଚେଦି କେଓ୍ୱ'। ଏହି ମନ୍ଦିରର ନିର୍ମାଣ ପ୍ରାୟ ୧୦ ଲକ୍ଷ ମଦ ବୋତଲରେ ତିଆରି। ଏଥିରେ ସବୁଜ ଓ ମାଟିଆ ରଙ୍ଗର ମଦ ବୋତଲକୁ ଅଧିକ ବ୍ୟବହାର କରାଯାଇଛି। କାଚ ବୋତଲରେ ତିଆରି କାରୁକାର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରିଥାଏ। ମନ୍ଦିରର ବାଥରୁମ୍‌ଠାରୁ ଆରମ୍ଭ କରି ପ୍ରାର୍ଥନା ଗୃହ ସବୁକିଛି ମଦ ବୋତଲରେ ତିଆରି। ଏହା ଏକ ପ୍ରସିଦ୍ଧ ଦାର୍ଶନିକ ସ୍ଥଳରେ ପରିଣତ ହୋଇଯାଇଛି।

# ବାଉଁଶର ଇକୋଫ୍ରେଣ୍ଡଲୀ କାର୍

ପରିବେଶ ପ୍ରଦୂଷଣକୁ ନଜରରେ ରଖି ବିଭିନ୍ନ ଇକୋଫ୍ରେଣ୍ଡଲୀ ଜିନିଷ ତିଆରି ହେଉଛି। ଆଉ କେରଳ ଥିରୁଭାନନ୍ତପୁରମ୍‌ର ବାର୍ଟନ ହିଲ୍‌ସ ସରକାରୀ ଇଞ୍ଜିନିୟରିଂ କଲେଜର ଛାତ୍ରମାନେ ତିଆରି କରିଛନ୍ତି ଏମିତି ଏକ ଇକୋଫ୍ରେଣ୍ଡଲୀ କାର୍, ଯାହା ଚର୍ଚ୍ଚାର ବିଷୟ ପାଲଟିଛି। କାରଣ ଏ ହେଉଛି ପୃଥିବୀର ପ୍ରଥମ ୧୦୦% ଇକୋଫ୍ରେଣ୍ଡଲୀ ଇଲେକ୍ଟ୍ରିକ୍ କାର୍। ଏହି ଶତପ୍ରତିଶତ ଇକୋଫ୍ରେଣ୍ଡଲୀ ଇଲେକ୍ଟ୍ରିକ କାର୍‌ଟି ବାଉଁଶରେ ତିଆରି। ଛାତ୍ରମାନେ ଉକ୍ତ କାର୍‌କୁ ଶେଲ ଇକୋ ମାରାଥନ୍ କମ୍ପିଟିଶନ୍‌ରେ ଅଂଶ ଗ୍ରହଣ କରିବା ପାଇଁ ତିଆରି କରିଥିଲେ। ଏଥିରେ ଦୁଇଟି ସିଟ୍ ଅଛି। ବାଉଁଶର ବଡି ଓ ଚେସିସ୍‌ର ବ୍ୟବହାର ହୋଇଛି ଓ ୩୫ ସିସିର ଇଞ୍ଜିନ ଲାଗିଛି, ଯାହା କି ଇନ୍ଧନ ବଞ୍ଚାଇଥାଏ। ରିସର୍ଚ୍ଚ ଟିମ୍‌ର ସଦସ୍ୟ କହନ୍ତି, ଏହା ଅଟୋମୋବାଇଲ୍ ସେକ୍ଟରର ସବୁଠାରୁ ଭଲ କାର୍ ନୁହେଁ, କିନ୍ତୁ ଏହା ଏକ ଉଦାହରଣ ଯେ ସମ୍ପୂର୍ଣ୍ଣ ଇକୋଫ୍ରେଣ୍ଡଲୀ କାର୍ ତିଆରି କରିହେବ। ଏହି କାର୍ ମଡେଲରୁ ବଡ଼ କାର୍ କମ୍ପାନୀଗୁଡିକ ପ୍ରେରଣା ପାଇବେ।



